## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୨।୨୦୨୪

| | |
|---|---|
| ୫,୭୧,୯୯୮ ଟଙ୍କା | |
| ସୁନା | ୧.୬୫୦ ଗ୍ରାମ୍ |
| ରୁପା | ୩୭.୫୦୦ ଗ୍ରାମ୍ |

### ସଂକ୍ଷେପରେ

## ଆଜି ସୁଶାସନ ସପ୍ତାହ, ଅଭିଯୋଗ ଶୁଣାଣି

ପୁରୀ, ୨୨।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ସଦ୍‌ଭାବନା ସଭାଗୃହରେ ସୋମବାର ଗୁଡ୍ ଗଭର୍ନାନ୍ସ ବା ସୁଶାସନ ସପ୍ତାହ ଓ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟା ୩୦ରେ ଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ସୂଚନା ଦେଇଛନ୍ତି। ସରକାରଙ୍କ ବିଭିନ୍ନ ଯୋଜନା, ଲୋକଙ୍କ ମୌଳିକ ଆବଶ୍ୟକତା, ସମସ୍ୟା ଓ ତା'ର ସମାଧାନ କ୍ଷେତ୍ରରେ ବିଭାଗ ଏବଂ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱବୋଧ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ଏହି ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଜନସାଧାରଣ ଯେତେ ସଚେତନ ହେବେ ସେମାନଙ୍କ ସମସ୍ୟା ସମାଧାନ ସେତେ ସହଜ ହେବା ସହ ବିଭାଗଗୁଡ଼ିକ କ୍ରିୟାଶୀଳ ହୋଇପାରିବେ। ତେଣୁ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଦେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ପୋଖରୀରେ ବୁଡ଼ି ବାଳକଙ୍କ ମୃତ୍ୟୁ

କଣାସ, ୨୨।୧୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା କଣାସ ଗ୍ରାମର କପିଳେଶ୍ୱର ଦାସଙ୍କ ୭ ବର୍ଷର ପୁଅ ସତ୍ୟଜିତଙ୍କ ରବିବାର କଣାସ ବଡ଼ପୋଖରୀରେ ବୁଡ଼ି ମୃତ୍ୟୁ ହୋଇଛି। ସେ ସକାଳୁ ପୋଖରୀକୁ ମୁହଁ ଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ଗଭୀର ଜଳକୁ ଚାଲିଯାଇଥିଲେ। କିଛି ସମୟ ଧରି ଘରକୁ ନ ଫେରିବାରୁ ପରିବାର ଲୋକ ପୋଖରୀ ମଧ୍ୟରେ ଖୋଜାଖୋଜି କରି ନିସ୍ତେଜ ଶରୀର ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୬୪ ବର୍ଷ ଧରି ବାଇପାସ୍ ରାସ୍ତା ଜବରଦଖଲ

### ପର୍ଯ୍ୟଟକ ହଇରାଣ, ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ଗୋପ, ୨୨।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

୧୯୬୦ ମସିହାରେ ତତ୍କାଳୀନ ସରକାର କୋଣାର୍କ ବୁଲିଯାଉଥିବା ପର୍ଯ୍ୟଟକ ଓ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ବାଇପାସ୍ ରାସ୍ତା ନିର୍ମାଣ ଲାଗି ଚିନ୍ତା କରି ଜମି ଅଧିଗ୍ରହଣ କରିଥିଲେ। ଇତିମଧ୍ୟରେ ଦୀର୍ଘ ୬୪ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏହି ବାଇପାସ୍ ରାସ୍ତା ନିର୍ମାଣ ନ ହୋଇପାରିବା ପ୍ରଶାସନର କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ଉଠାଇଛି। ଅନ୍ୟପକ୍ଷରେ ଅଧିଗ୍ରହଣ ଜମି ଜବରଦଖଲ ହୋଇଥିବା ଅଭିଯୋଗ ହୋଇଛି। ଏପଟେ ସରକାର ବିପୁଳ ଅର୍ଥ ଖର୍ଚ୍ଚ କରି ଗୋପ ବ୍ରାଞ୍ଚ କେନାଲ ସହିତ କୁଶଭଦ୍ରା ନଦୀ ବନ୍ଧ ଉପରେ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜବରଦଖଲ ବାଇପାସ୍ ଜମି ଉପରେ ଏବେ ବେଆଇନ ଭାବେ ଗୃହ ନିର୍ମାଣ ଚାଲିଛି। ସରକାରଙ୍କ ଠାରୁ ଜମି ଅଧିଗ୍ରହଣ ବାବଦ ଲକ୍ଷାଧିକ ଟଙ୍କା ନେଇଥିବା ବ୍ୟକ୍ତିମାନେ ଚଞ୍ଚକତା କରି ଏହି ଅଧିଗ୍ରହଣ ଜମିକୁ ସେମାନଙ୍କ ନାମରେ କରିଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ଦୈନନ୍ଦିନ ବିଶ୍ୱପ୍ରସିଦ୍ଧ କୋଣାର୍କର ସୂର୍ଯ୍ୟମନ୍ଦିର ଓ ପୁରୀ ବୁଲିବା ଲାଗି ଦେଶବିଦେଶର ପର୍ଯ୍ୟଟକମାନେ ଯା' ଆସି କରିଥାନ୍ତି। ସେ ସମୟରେ ଭୁବନେଶ୍ୱର- କୋଣାର୍କ ରାସ୍ତା ଏକପାଖିଆ ରାସ୍ତା ଥିବାରୁ ଗୋପ ସନ୍ନିକଟ ବଣିଆସାହି ନିକଟରୁ ଗୋପ ଜଳସମ୍ପଦ ବିଭାଗ ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତା ନିର୍ମାଣ ଲାଗି ୧୯୬୦ ମସିହାରେ ଖାତା ନମ୍ବର ୨୮୪୪, ୨୮୪୫,୨୮୪୬ ,୨୮୪୭ ସହିତ ୨୮୫୮ ପର୍ଯ୍ୟନ୍ତ ଅର୍ଥାତ୍ ୧୨ଟି ଖାତାରେ ଜମି ଅଧିଗ୍ରହଣ କରାଯାଇଥିଲା। କିନ୍ତୁ କୌଣସି କାରଣରୁ ବାଇପାସ୍ ରାସ୍ତା ନିର୍ମାଣ ହୋଇପାରି ନ ଥିଲା। ୧୯୬୫ ମସିହାରେ ଗୋପରେ ଚକବନ୍ଦୀ କାର୍ଯ୍ୟ ଆରମ୍ଭ ହୋଇଥିଲଲା। ସରକାରଙ୍କ ଦ୍ୱାରା ଅଧିଗ୍ରହଣ ହୋଇଥିବା ଏହି ସବୁ ଜମିକୁ ଚଞ୍ଚକତା ଭାବେ ସେମାନଙ୍କ ନାମରେ ଜମି କରିଥିବା ଅଭିଯୋଗ ହୋଇଥିଲା। ଏବେ ସରକାର ରାଜ୍ୟର ସବୁ ସ୍ଥାନରେ ଜବରଦଖଲ ଉଚ୍ଛେଦ କରାଯିବାକୁ କହିଥିବାରୁ ଏହି ରାସ୍ତା ପୁଣି ଚର୍ଚ୍ଚାକୁ ଆସିଛି। ଏପଟେ ସରକାର ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ୮ କୋଟି ୧୦ ଲକ୍ଷ ଟଙ୍କା ଓ ଗୋପ କୁଶଭଦ୍ରା ନଦୀ ବନ୍ଧ ଉପରେ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରି ବାଇପାସ ରାସ୍ତା ନିର୍ମାଣ କରିବାକୁ ଚିନ୍ତା କରିଛନ୍ତି। ତୁରନ୍ତ ଜବରଦଖଲ ରାସ୍ତା ଉଚ୍ଛେଦ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏଭଳି ଜବରଦଖଲ ଅଭିଯୋଗ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତି କହିଛନ୍ତି, 'ମୋ ନିକଟକୁ ସେପରି କୌଣସି ଅଭିଯୋଗ ଆସିନାହିଁ। ତଥାପି ବର୍ତ୍ତମାନର ଅଭିଯୋଗ ଉପରେ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ।



ପୁରୀ ବେଳାଭୂମିରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଆୟୋଜିତ ୨୨ତମ ଲୋକନୃତ୍ୟ ମହୋତ୍ସବରେ ରବିବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ୧୫ତମ କୃଷିମେଳା ଉଦ୍‌ଘାଟିତ

ପୁରୀ,୨୨।୧୨।(ଅଜିତ୍ କୁମାର ମହାନ୍ତି)

ସ୍ୱର୍ଗଦ୍ୱାର ବେଳାଭୂମିରେ ରବିବାର ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ୧୫ତମ କୃଷିମେଳା ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶଙ୍କର୍ଷଣ ପରିଡ଼ା, ବ୍ୟାଙ୍କ ଅଫ ବରୋଦାର ସାଧାରଣ ସଞ୍ଚାଳକ ସ୍ୱପ୍ନା ବନ୍ଦୋପାଧ୍ୟାୟ, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଜିନ୍ନା ରାଜକୁମାରୀ ଗ୍ରୁପ, ଗୌହାଟୀ ଆସାମ୍ ଶ୍ରେୟା ମହତୋ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ପଶ୍ଚିମବଙ୍ଗ,ଫେକଚୋଙ୍ଗ ଭିମୋଚା ସିଂହ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲାକାତା ଆଦିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମେଳାରେ ଓୟୁଏଟି, ନିଫାଟ (କୋଚି), ସିଏମ୍‌ଏଫ୍‌ଆର୍‌ଆଇ, ଜାତୀୟ ମତ୍ସ୍ୟ ଉନ୍ନୟନ ବୋର୍ଡ, ଭାରତୀୟ ପାଣିପାଗ ବିଭାଗ, ଜାତୀୟ ଧାନ ଗବେଷଣା କେନ୍ଦ୍ର, ଭାରତୀୟ ମତ୍ସ୍ୟ ସର୍ବେକ୍ଷଣ ସଂସ୍ଥା, କେନ୍ଦ୍ରୀୟ ମହିଳା କୃଷି ଅନୁଷ୍ଠାନ, ଓମ୍‌ଫେଡ୍, ନାବାର୍ଡ, ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ସିଫା, ଜିଲା ମୁଖ୍ୟ ଜିଲା କୃଷି କାର୍ଯ୍ୟାଳୟ ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ପରେ ୨୨ତମ ଲୋକନୃତ୍ୟ ମହୋତ୍ସବ ପରିପ୍ରେକ୍ଷୀରେ ଗୁଜରାଟର ମିଶ୍ର ରାସ, ପଶ୍ଚିମବଙ୍ଗର ରାୟବେନ୍ସ, ଝାଡ଼ଖଣ୍ଡର ଛଉ, ମଣିପୁରର ଢୋଲ ଢୋଲକ୍ ଚୋଲମ, ଗୁଜୁରାଟର ଦାଙ୍ଗ, ହରିୟାଣାର ଫାଗ, ଆସାମର ଲେୱାଦାନା, ବୋରୋଡ ନବ ପ୍ରତିଭା, ପୁରୀର କେଳା କେଲୁଣି, ଆମ ସଂସ୍କୃତି ଆମ ପରମ୍ପରା ଶିଳ୍ପୀ ଏଣ୍ଟରଟେନମେଣ୍ଟ- ଗୋଆ ନୃତ୍ୟ, ପୁରୀ ଲୱାନି ରୂପା ଆଣ୍ଡ ଗ୍ରୁପ୍ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକେ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ, ସମ୍ବର୍ଦ୍ଧନା ସଭା

ନିମାପଡ଼ା,୨୨।୧୨
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଡେଣ୍ଡୁଆଁ ଉଚ୍ଚବିଦ୍ୟାଳୟ ୨୦୧୦ ମାଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରବନ୍ଧୁମାନଙ୍କ ପକ୍ଷରୁ ଏକ ବନ୍ଧୁମିଳନ, ସମ୍ବର୍ଦ୍ଧନା ସମାରୋହ ଓ ଗୁରୁପୂଜନ କାର୍ଯ୍ୟକ୍ରମ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଛବିନ୍ଦ୍ର ମୁଖୀ, ବିଦ୍ୟାଳୟ ଆଲୁମ୍ନି ଆସୋସିଏଶନର ସଭାପତି ଗଙ୍ଗାଧର ପରିଡ଼ା, ଶିକ୍ଷାବିତ୍ ଉମାକାନ୍ତ ରଥ, ପ୍ରଭାକର ସ୍ୱାଇଁ, କ୍ଷେତ୍ରମୋହନ ଦୀକ୍ଷିତ, ଲକ୍ଷ୍ମୀକାନ୍ତ ସାମନ୍ତରାୟ, ଗଙ୍ଗାଧର ସେନାପତି ପ୍ରମୁଖ ଯୋଗଦେଇ ପୁରାତନ ଛାତ୍ରବନ୍ଧୁମାନଙ୍କ ଏଭଳି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରବନ୍ଧୁମାନଙ୍କ ପକ୍ଷରୁ ଗୁରୁପୂଜନ କରାଯାଇଥିଲା। ମୁଖ୍ୟ ଅତିଥି ଦାଶଙ୍କୁ ତାଙ୍କ କାର୍ଯ୍ୟଦକ୍ଷତା ପାଇଁ ସ୍ୱର୍ଗତ ଆଦିକନ୍ଦ ସାବୁତଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଦର୍ଶ ସମ୍ମାନ, ବରିଷ୍ଠ ଆଇନଜୀବୀ ଛବିନ୍ଦ ମୁଖୀଙ୍କ ସେବା ସମ୍ମାନ, ଉତ୍ସବର ସଭାପତି ଗଙ୍ଗାଧର ପରିଡ଼ାଙ୍କୁ ସମାଜସେବା ସମ୍ମାନ, ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଖବରଦାତା ବିଚିତ୍ରାନନ୍ଦ ସାହୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୯ଜଣ କୃତୀ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଶିକ୍ଷକମାନଙ୍କୁ ସମ୍ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଆବାହକ ବିଶ୍ୱଜିତ୍ ମିଶ୍ର, ଅଶୋକ ନନ୍ଦ, ସୋମନାଥ ସାହୁ, କାହ୍ନୁଚରଣ ବେହେରା, ଚନ୍ଦ୍ରପ୍ରସାଦ ନନ୍ଦ ପ୍ରମୁଖ ଉତ୍ସବର ସଂଯୋଜନା ଓ ପରିଚାଳନା କରିଥିଲେ। ସମାରୋହରେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ର ଓ ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ସମାରୋହରେ ସମ୍ବର୍ଦ୍ଧିତ ଅତିଥିମାନଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ରଗଣ।

## ବର୍ଷାରେ ଧାନ ନଷ୍ଟ: ଏଫ୍‌ଏକ୍ୟୁ ମାନକୁ ନେଇ ଚିନ୍ତା


କ୍ଷତିଗ୍ରସ୍ତ ଧାନକୁ ଚାଷୀମାନେ ଦେଖାଉଛନ୍ତି ।

ଅସ୍ତରଙ୍ଗ/କାକଟପୁର, ୨୨।୧୨
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ଓ କାକଟପୁର ବ୍ଲକରେ ଏ ଯାଏ ଧାନମଣ୍ଡି ଖୋଲିନାହିଁ। ମଣ୍ଡି ଖୋଲିବାକୁ ଆହୁରି ୨ ସପ୍ତାହରୁ ଅଧିକ ଦିନ ବାକି ଅଛି। ଜାନୁଆରୀ ୭ରେ ଧାନ ମଣ୍ଡି ଖୋଲିବାକୁ ଥିଲେ ବି ଧାନ କିଣୁ କିଣୁ ଦ୍ୱିତୀୟ ସପ୍ତାହ ହୋଇଯିବ। ଏପଟେ ଅଦିନିଆ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। କାକଟପୁର ଓ ଅସ୍ତରଙ୍ଗ ବ୍ଲକର ୬୦ଭାଗ ଅମଳ ହୋଇସାରିଲାଣି। ଚାଷୀ ବିଲରୁ ଆରମ୍ଭ କରି ଖଳା ପର୍ଯ୍ୟନ୍ତ ଧାନ ଗଦା କରି ରଖିଛନ୍ତି। ଅନେକ ଚାଷୀ ବିଲରୁ ବାକିଥିବା ଧାନ କାଟି ଦେଇଥିଲେ ବି ଘରକୁ ଆଣିପାରିନାହାନ୍ତି। ଅଦିନିଆ ବର୍ଷାରେ ଧାନ ସମ୍ପୂର୍ଣ୍ଣ ଓଦା ହୋଇଯାଇଛି। ୨୦ଦିନ ପୂର୍ବରୁ ମଧ୍ୟ ବର୍ଷାରେ ପାଚିଲା ଧାନ ଭିଜିଥିଲା। ବାରମ୍ବାର ଧାନ ଭିଜିବା ଓ ବୁଡ଼ିରହିବା ଫଳରେ କେଉଁଠି ଗଜା ତ କେଉଁଠାରେ ମଇଳା ହୋଇଛି। ତେଣୁ ଧାନର ମାନ ଖରାପ ହେବା ନିଶ୍ଚିତ। ଏଭଳି ସ୍ଥିତିରେ ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। ଚାଷୀ ମଣ୍ଡିରେ ଧାନ ବିକି କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ପାଇବାକୁ ଆଶା ରଖିଥିବା ବେଳେ ବର୍ଷା ସବୁକିଛି ବିଗାଡ଼ି ଦେଇଛି।

କଣ୍ଟାପଡ଼ା ଅଞ୍ଚଳର ଚାଷୀ ଶରତ ଦୀକ୍ଷିତ କହିଛନ୍ତି, ଧାର କରଜ କରି ଏ ବର୍ଷ ୩ ଏକର ଧାନ ଚାଷ କରିଥିଲି। ସବୁ ଧାନ ଓଦା ହୋଇଯାଇଛି। ଏ ସବୁ ଗଜା ହୋଇଯିବ। କ'ଣ କରିବି ବୁଦ୍ଧିବାଟ ଦିଶୁନି। ସରକାର ଆମ କଥା ଚିନ୍ତା କରି ଏଫ୍‌ଏକ୍ୟୁ ଉପରେ କୋହଳ କରିବା ଆବଶ୍ୟକ। ସେହି ଗାଁର ଚାଷୀ ଶରତ ଓଝା କହିଛନ୍ତି, ଧାରକରଜ କରି ଚଳିତବର୍ଷ ସାଢ଼େ ୩ ଏକର ଜମିରେ ଚାଷ କରିଥିଲି। ସବୁ ଧାନ କଟା ହୋଇ ବିଲରେ ପଡ଼ିଛି। ବର୍ଷାରେ ଧାନ ସବୁ ଓଦା ହୋଇ ନଷ୍ଟ ହୋଇଗଲାଣି। ଏଫ୍‌ଏକ୍ୟୁ ମାନର ଧାନ ଆସିବ କେଉଁଠୁ। ବାଧ୍ୟ ହୋଇ ଆମେ ବେପାରୀଙ୍କୁ ବିକିଦେବୁ। ମାନକୁ ବିଶେଷ ଗୁରୁତ୍ୱ ନ ଦେଇ ଧାନ କିଣିବା ବ୍ୟବସ୍ଥା କରାଯାଉ ବୋଲି ସେ ଦାବି କରିଛନ୍ତି। ସେହିପରି ଅସ୍ତରଙ୍ଗ ବ୍ଲକର ବେଗୁନିଆବସ୍ତ, ଓସ୍ତପୁର, ବେଣୀପୁର ଅଞ୍ଚଳରେ କୋବି, କାକୁଡ଼ି ବିମ୍ବ ଆଦି ଶୀତଦିନିଆ ଫସଲ ନଷ୍ଟ ହେବାକୁ ବସିଛି।

## ଜାତୀୟ ଗଣିତ ଦିବସ ପାଳିତ



ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ରବିବାର ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ୧୩୮ତମ ଜୟନ୍ତୀ ଅବସରରେ ଜାତୀୟ ଗଣିତ ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସନ୍ତୋଷ କୁମାର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ବିଦ୍ୱତ ପରିଷଦର ସଭ୍ୟ କୈଳାସ ଚନ୍ଦ୍ର ସାହୁ, ବିଦ୍ୟାଳୟ ପରିଚାଳନା ସମିତି ସହସମ୍ପାଦିକା ଦିପ୍ତୀ ମିଶ୍ର, ସଭ୍ୟା ଅଞ୍ଜଳି ରଥ, ପ୍ରଧାନ ଆଚାର୍ଯ୍ୟ ସୁରେଶ ମିଶ୍ର ଏବଂ ସହ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁ ପ୍ରସାଦ ପାଣି ଯୋଗଦେଇଥିଲେ। ପ୍ରତିଭା ପ୍ରଦର୍ଶନରେ ୩ୟ ଶ୍ରେଣୀ ଛାତ୍ରୀ ଅନୋଖୀ ମିଶ୍ର ନୃତ୍ୟ ପରିବେଷଣ କରିଥିଲେ। ପୂର୍ବରୁ ଆୟୋଜିତ ସର୍ବକନିଷ୍ଠ ବର୍ଗ, ଶିଶୁବର୍ଗ, ବାଲ୍ ବର୍ଗ ଏବଂ କିଶୋର ବର୍ଗର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଚାରକ ଭାବେ ଶଙ୍କର ପଲାଇ, ଜ୍ୟୋତି ପ୍ରକାଶ ମହାରଣା, ଲୋପାମୁଦ୍ରା କର, ମାନସ ରଞ୍ଜନ ପରିଡା, ସୂର୍ଯ୍ୟ ପ୍ରସାଦ ରଥ, ବିଭୂଦତ୍ତ ପ୍ରଧାନ, ବିନୋଦ କୁମାର ସେନାପତି, ବଦ୍ରି ନାରାୟଣ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ଦିପ୍ତୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏସ୍‌ସିଏସ୍ କଲେଜ ଆଲୁମ୍ନି ଆସୋସିଏଶନ ଗଠିତ

ପୁରୀ,୨୨।୧୨(ଅଜିତ୍ କୁମାର ମହାନ୍ତି)

ରାଜ୍ୟର ସର୍ବପୁରାତନ ମହାବିଦ୍ୟାଳୟ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରଙ୍କ ଆଲୁମ୍ନି ଆସୋସିଏଶନ ଗଠିତ ହୋଇଛି। ମହାବିଦ୍ୟାଳୟ ପରିସରରେ ରବିବାର ଆୟୋଜିତ ଏକ ବୈଠକରେ ପୁରାତନ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ଆନୁଷ୍ଠାନିକ ଭାବେ ଏହି ଆସୋସିଏଶନ ଗଠନ କରିବା ସହ ଅତୀତ ଦିନର ସ୍ମୃତିଚାରଣ କରିଥିଲେ। ଏହି ମହାବିଦ୍ୟାଳୟର ଗୌରବ ଓ ପରମ୍ପରାକୁ ଅକ୍ଷୁଣ୍ଣ ରଖିବା ସହ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରୟାସ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଗୌରୀଶଙ୍କର ମଲ୍ଲିକ ଏବଂ ଅଧ୍ୟାପକ ଡ. ରବୀନ୍ଦ୍ର କୁମାର ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଏସ୍‌ସିଏସ୍ ମହାବିଦ୍ୟାଳୟକୁ ଏକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଆଲୁମ୍ନି ଆସୋସିଏଶନ୍ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶିଳ୍ପପତି ରାଜକିଶୋର ପାତ୍ର ସଭାପତି, ସାମାଜିକ କର୍ମୀ ଷ୍ଟାଲିନ ପରିଜା ସାଧାରଣ ସମ୍ପାଦକ, ଡ. ପ୍ରଫୁଲ୍ଲ କୁମାର ବାହିନୀପତି, ଶ୍ରୀଭୂଷଣ ଶୁକ୍ଳା, ରାଜେଶ ରଥ ଉପସଭାପତି ଭାବେ ମନୋନୀତ ହୋଇଥିଲେ। ସେହିପରି ଯୁଗ୍ମସମ୍ପାଦକ ଭାବେ ଶୁଭ୍ରାଂଶୁ ଶେଖର ମହାପାତ୍ର ଓ ରୂପାଲି ଅପରାଜିତା ମହାନ୍ତି, କୋଷାଧ୍ୟକ୍ଷ ଭାବେ ଅବିନାଶ ଆଚାର୍ଯ୍ୟ, ମିଡିଆ ସଂଯୋଜକ ଭାବେ ସୌମିତ୍ର ରଞ୍ଜନ ହରିଚନ୍ଦନ ମନୋନୀତ ହୋଇଥିଲେ। ଆଲୁମ୍ନି ଆସୋସିଏଶନ୍ ଉପଦେଷ୍ଟା ଭାବେ ସମାଜର ପୂର୍ବତନ ପ୍ରକାଶକ ନିରଞ୍ଜନ ରଥ, ଆଇଆଇଟି ଖଡ଼ଗପୁରର ପ୍ରଫେସର ଚନ୍ଦ୍ରଶେଖର ମିଶ୍ର, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଡ. ହିମାଂଶୁ କୁମାର ମହାନ୍ତି ଏବଂ ଜଗଦୀଶ ରଥ ମନୋନୀତ ହୋଇଥିଲେ। ଗୋପାଳ ଚନ୍ଦ୍ର ବେହେରା, ପ୍ରସନ୍ନ କୁମାର ସ୍ୱାଇଁ, ରବିନାରାୟଣ ନାୟକ, ସନ୍ଦୀପ କୁମାର ପାତ୍ର ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ରୂପେ ମନୋନୀତ ହୋଇଥିଲେ। ଆଗାମୀ ବୈଠକରେ ଆସୋସିଏଶନ ତା'ର ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ ବୋଲି ସ୍ଥିତ ହୋଇଛି। ଶେଷରେ ପ୍ରଫେସର ଡ. ରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।



ବୈଠକରେ ପୁରାତନ ଛାତ୍ରୀଛାତ୍ର ଓ ଆଲୁମ୍ନି ଆସୋସିଏଶନର ସଦସ୍ୟମାନେ ।

# କୋଣାର୍କଠାରେ ନିର୍ମିତ ହୋଇଥିଲା ମହାଶ୍ରମଙ୍କ ବିଜୟୀ-ବିଗ୍ରହ

ଡ. ସୁରେନ୍ଦ୍ର କୁମାର ମିଶ୍ର

ଐତିହ୍ୟର ଓଡ଼ିଶା

- ନିର୍ମାଣ ହୋଇଥିଲା ଶ୍ରୀସୂର୍ଯ୍ୟ-ଶ୍ରୀବ୍ରହ୍ମାଙ୍କର ମିଳିତ ବିଗ୍ରହ
- ଫଗୁ କିଣିବା ପାଇଁ ଦିଆଯାଇଥିଲା ତିନି କାହାଣ କଉଡ଼ି

ଆମେ ଗତସଂଖ୍ୟାରେ ସୂଚନା ଦେଇଥିଲୁ ୧୨୫୫ ମସିହାରେ ପଗଡ଼ି ସଦୃଶ ବାରଟି ମୁକୁଟ ଲାଙ୍ଗୁଳା ନରସିଂହଙ୍କ ଆଦେଶରେ ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ ପଠାଯାଇଥିଲା। ପୋଥି ଅନୁଯାୟୀ ଶ୍ରୀମନ୍ଦିର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀମନ୍ଦିର ପୁରାତନ କାଗଜାତରୁ ଆମେ ସୂଚନା ପାଇଥିଲୁ ୩୪ଟି ରାଜମୁକୁଟ ଭିତର ଭଣ୍ଡାରରେ ଥିଲା। (ତଥ୍ୟ- ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ଦାଶ)। ଆମର ଉତ୍ସୁକତା ବଢ଼ିଲା। ପରମ୍ପରା ଅନୁଯାୟୀ ଓଡ଼ିଶାର ଗଜପତିମାନେ ଯୁଦ୍ଧରେ ପ୍ରତିପକ୍ଷକୁ ପରାସ୍ତ କରିବା ପରେ ପରାଜିତ ରାଜା/ମହାରାଜାମାନେ ନିଜର ରାଜମୁକୁଟକୁ ଗଜପତିଙ୍କୁ ହସ୍ତାନ୍ତର କରୁଥିଲେ। ଅନୁସନ୍ଧାନରୁ ଜାଣିଲୁ ଓଡ଼ିଶାର ପ୍ରାଚୀନ ସେନାବାହିନୀ ଗଡ଼, ଦୁର୍ଗ ଓ ସାମ୍ରାଜ୍ୟ ସମୁଦାୟ ୪୬ଟିରେ ବିଜୟଲାଭ କରିଥିଲେ। ତେଣୁ ଆଉ ୧୨ଟି ରାଜମୁକୁଟ କେଉଁଠି ରହିଲା ତା'ର ସୂଚନା ନାହିଁ। ତେବେ କ'ଣ ଲାଙ୍ଗୁଳା ନରସିଂହଦେବ, ତୁଗଇନ୍ ଖାଁଙ୍କ ମହଲରୁ ଆଣିଥିବା ସେଇ ୧୨ଟି ମୁକୁଟକୁ ମିଶାଇ ୪୬ଟି ହେବ? ଏହା ସମ୍ଭାବନା ମାତ୍ର। ଆମେ ଅନୁସନ୍ଧାନରୁ ଦୂରେଇ ଯାଇନୁ। ଚାଲୁ ରହିଛି।

ସେହି ଯୁଦ୍ଧରୁ ଫେରିବା ପରେ ମହାଶ୍ରମ ଆଦେଶ ଦେଇଥିଲେ- ନିଜର ଏକ ସ୍ୱତନ୍ତ୍ର ବିଗ୍ରହ ଗଢ଼ିବା ପାଇଁ। ଶିବେଇ ସାମନ୍ତରାୟ ହଁ ତ ଭରିଲେ! ଟିକିଏ ମହାଶ୍ରମଙ୍କ ମୁହଁକୁ ଚାହିଁଲେ। ଗଜପତି ବୁଝିପାରିଲେ। କହିଲେ- ଜଣେ ଯୋଦ୍ଧା ଯୁଦ୍ଧରୁ ବିଜୟଲାଭ କରି ଫେରିବାର ମୁଦ୍ରାରେ ବିଗ୍ରହ ନିର୍ମାଣ ହେବ। ବିଜୟୀ ବିଗ୍ରହ। ଶିବେଇ ସାମନ୍ତରା କହିଲେ- ନିଶ୍ଚୟ ହେବ। ସେଥିପାଇଁ ସେ ବରାଦ କଲେ ୨୫ ମାଢ଼ ସୁନା।

ଶିବେଇ ସାମନ୍ତରାୟ ବିଜୟୀ ବିଗ୍ରହ ନିର୍ମାଣ ପାଇଁ ଆଦେଶ ଦେବା ପରେ ଗର୍ଭଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଗର୍ଭପିଣ୍ଡି ବାସ୍ତୁ ଅନୁସାରେ ମାପଚୁପ ହେଲା। ଗିରିଧର ମହାପାତ୍ର ଅନୁରୋଧ କଲେ ନବଗ୍ରହ ପଥର ସ୍ତମ୍ଭର ତଳଭାଗ ଖୋଦେଇ ସରିଛି, ଆପଣ ଆସି ଟିକେ ଦେଖିଦିଅନ୍ତୁ। ସୂତ୍ରଧର (ଶିବେଇ ସାମନ୍ତରାୟ) ଦେଖି ସାରିବା ପରେ ସହମତ ହେଲେ। ସେତିକିବେଳେ ଦାମ ମହାପାତ୍ର କହିଲେ ମୋ କାମ ସରିଯାଇଛି। ନିର୍ମାଣ ନିୟମ ଅନୁସାରେ ତାହାକୁ ହସ୍ତାନ୍ତର କରିବାକୁ ଚାହୁଁଛି। ସୂତ୍ରଧର କହିଲେ, ତମେ ପରା ଚାରି ବାହୁ ବିଶିଷ୍ଟ ବିରଞ୍ଚି ନାରାୟଣଙ୍କର ବିଗ୍ରହ ନିର୍ମାଣ କରୁଥିଲ। ସମାପ୍ତ ହୋଇଛି? ଦାମ ମହାପାତ୍ର ତାଙ୍କୁ ପାଛୋଟି ନେଲେ। ସୂତ୍ରଧର ଦେଖିଲେ ଦୁଇ ହାତରେ ପଦ୍ମ ଅଛି। ଗୋଟିଏ ହାତରେ ବେଦପୁସ୍ତକ। ଅନ୍ୟ ହାତରେ କମଣ୍ଡଳୁ। ଶ୍ରୀସୂର୍ଯ୍ୟ ଓ ଶ୍ରୀବ୍ରହ୍ମାଙ୍କର ଏହି ମିଳିତ ବିଗ୍ରହ ଦେଖି ଦଣ୍ଡେ ଅଟକିଗଲେ ସୂତ୍ରଧର।


ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀରେ ଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ବିଗ୍ରହ।
(ସୌଜନ୍ୟ – ଡ. କୁମାର ଆରଜ୍ୟୋତି)

ସୂତ୍ରଧର ପୁଣି ଫେରିଗଲେ ଗର୍ଭଗୃହକୁ। ରାମ ମହାପାତ୍ର, ମଧୁ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସିଂହାସନ ନିର୍ମାଣର ମାପଦେଲେ। ସେମାନେ ପାଞ୍ଚଜଣ ପଥୁରିଆଙ୍କ ସହିତ କାର୍ଯ୍ୟ ସମାପ୍ତ କରିବେ ବୋଲି କହିବା ପରେ ସୂତ୍ରଧର ମୁଖଶାଳା ନିକଟରେ ପହଞ୍ଚିଥିଲେ। ମୁଖଶାଳାର ଦୁଆରବନ୍ଧ ସୂକ୍ଷ୍ମକାମ ଦାୟିତ୍ୱରେ ଥିଲେ ଗଦାଧର ମହାପାତ୍ର ଓ ରାମ ମହାରଣା। ଏହାପରେ ନିଧି ମହାରଣାଙ୍କ ନେତୃତ୍ୱରେ ୨୪ଜଣ ନିଯୁକ୍ତ ହୋଇଥିଲେ ସିଂହଦ୍ୱାର ଗୁମୁଟ ନିର୍ମାଣ କାର୍ଯ୍ୟ ପାଇଁ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରଦ୍ୱାର ପାଇଁ 'ହାତୀଦ୍ୱାର' ଓ ଦକ୍ଷିଣଦ୍ୱାର ପାଇଁ 'ଘୋଡ଼ାଦ୍ୱାର' ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ଶିଳ୍ପୀମାନଙ୍କୁ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ଦୋଳ ପୂର୍ଣ୍ଣମୀ ପୂର୍ବରୁ ପାଣି ଯୋଗାଉଥିବା ସମିୟାକୁ ୨୪ ଗୌଣୀ ଧାନ ଦିଆଯିବା ପରେ କାମ ବନ୍ଦ ହୋଇଥିଲା। ତିନି କାହାଣ କଉଡ଼ି ଦିଆଯାଇଥିଲା 'ଫଗୁ' କିଣାଯିବା ପାଇଁ। ଫଗୁଖେଳ ପାଇଁ ଦୁଇଦିନ କାର୍ଯ୍ୟ ବନ୍ଦ ହେଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ବ୍ୟବସ୍ଥା ଜାଣିବା ପରେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି, କେମିତି ଲେଖକମାନେ କଳ୍ପନା କରି ଲେଖିଲେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି! ଆଶ୍ଚର୍ଯ୍ୟ ତ ଲାଗୁଛି, କିନ୍ତୁ ସେମାନେ ଯେଉଁ ଚମକ ସୃଷ୍ଟି କରିବା ପାଇଁ ଓଡ଼ିଶାର ରାଜ ବ୍ୟବସ୍ଥା ତଥା ମନ୍ଦିର ନିର୍ମାଣ ବ୍ୟବସ୍ଥାକୁ ବିଶିଆଙ୍ଗୁଠି ଦେଖାଇଲେ ତାହା କାହାକୁ ନିନ୍ଦିତ କଲା?

ପୋଥିର ତଥ୍ୟ ଅନୁଯାୟୀ ଦୁଇ ମାସ ଧରି ଲଗାତାର ପଥର କାମ କରୁଥିବା ୩୨ଜଣ ଶିଳ୍ପୀଙ୍କୁ ଦୋଳ ଉତ୍ସବ ଅବସରରେ ନିଜ ନିଜ ଘରକୁ ବିଶ୍ରାମ ପାଇଁ ପଠାଯାଇଥିଲା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ ଘରକୁ ଯିବା ପାଇଁ ବାଟଖର୍ଚ୍ଚ ନିଜ ପାଉଣାରୁ ଖର୍ଚ୍ଚ କରି ନ ଥିଲେ। ରାସ୍ତାରେ ଖାଦ୍ୟ ଗ୍ରହଣ ପାଇଁ ଚାଉଳ ମଧ୍ୟ ଦିଆଯାଇଥିଲା। ସମ୍ମାନର କଥା। ସେବେଳେ ଆଜିକାଲି ପରି ଭୋଜନାଳୟ ବ୍ୟବସ୍ଥା ରାସ୍ତା କଡ଼ରେ ନ ଥିଲା। ରୋଷେଇ କରି ଖାଇବାକୁ ପଡୁଥିଲା। ସେଥିପାଇଁ ପ୍ରଶାସନିକ ସ୍ତରରେ ସୁବ୍ୟବସ୍ଥା କରାଯିବା, ଗୋଟାଏ ଜାତିର ମହନୀୟତାକୁ ପ୍ରମାଣିତ କରିଥାଏ।

# ଉଜୁଡ଼ିଲା ଧାନ, ପରିବା: କ୍ଷତିପୂରଣ ଦାବି

## ଦୁଃଖ ବଢ଼ାଇଲା ଲଘୁଚାପଜନିତ ବର୍ଷା

ନିଶ୍ଚିନ୍ତକୋଇଲି,୨୨।୧୨ (ଅଶୋକ କୁମାର ମହାପାତ୍ର):


ପାଣି ବିଲରେ ପାଚିଲା ଧାନ କଚଡ଼ା।

ତିନିଦିନ ଧରି ନିଶ୍ଚିନ୍ତକୋଇଲି ବ୍ଲକରେ ତୁହାକୁ ତୁହା ଲଘୁଚାପଜନିତ ବର୍ଷା ହୋଇଛି। ଚାଷୀ ଖରିଫ ଫସଲ ଅମଳ କରିବା ପାଇଁ ଅଣ୍ଟା ଭିଡିଥିବା ବେଳେ ବର୍ଷା ସେମାନଙ୍କ ଆହାର ମୁହଁରେ ପାହାର ଦେଇଛି। କିଏ ଧାନ କାଟି ବିଲରେ ପକାଇଛି ତ କିଏ ହିଧ ମୁଣ୍ଡରେ ଧାନ ବିଡ଼ାକୁ ପାଣିରୁ ଛାଣି ଡେରିଦେଇଛି। ଏପରକି ଖଳାକୁ ଆଣିଥିବା ଧାନ ମଧ୍ୟ ଭିଜି ଯାଇଥିବାରୁ ଚାଷୀମୁଣ୍ଡରେ ଚଡ଼କ ପଡିଛି। ଚଳିତ ବର୍ଷ ଧାନର ଦର ବୃଦ୍ଧି ସହ ଧାନର ମାନ ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏପରିକି ବିଲରେ କିଛି ଲୋକଙ୍କ ଧାନ ଠିଆ ହୋଇଥିଲେ ମଧ୍ୟ ବର୍ଷା ଖାଇ ତାହା ତଳେପଡି ନଷ୍ଟ ହେବାକୁ ବସିଲାଣି। ଭିଜା ଧାନକୁ ଚାଷୀ କ'ଣ କରିବେ, କିପରି ବିକିବେ ସେନେଇ ଚିନ୍ତିତ ହୋଇପଡ଼ିଛନ୍ତି। କେବଳ ଧାନ ଚାଷୀ ନୁହନ୍ତି, ପରିବା ଚାଷୀମାନେ ମଧ୍ୟ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ବର୍ଷା ହେବା ଯୋଗୁ କୋବି କ୍ଷେତ ନଷ୍ଟ ହୋଇଯାଇଥିବା ବେଳେ ତରବରିଆ ଭାବେ ଚାଷୀ କୋବି ଆଣି ହାଟ ବଜାରରେ ବିକିବା ପାଇଁ ନାକେଦମ ହେଉଛନ୍ତି। ୩୦ଟଙ୍କା କୋବିର ବଜାର ଦର ଥିବା ବେଳେ ଗ୍ରାହକମାନେ ୧୦ଟଙ୍କା ଦେବାକୁ ମଧ୍ୟ କୁଣ୍ଠାବୋଧ କରୁଛନ୍ତି। ପଚିଯିବା ଭୟରେ ଚାଷୀ ଶାଗମାଛ ଦରରେ କୋବି ବିକୁଥିବାବେଳେ ଶୀତଦିନିଆ ପରିବା ଫସଲ ଯଥା ବିନ୍, ବିଲାତି ବାଇଗଣ, କଲରା, ଝୁଡଙ୍ଗ ଛୁଇଁ ଓ ଭେଣ୍ଡି ପ୍ରଭୃତି ପରିବା ଚାଷ ମଧ୍ୟ ପ୍ରଭାବିତହୋଇଛି। ସରକାର ତୁରନ୍ତ ଚାଷୀଙ୍କ ହୋଇଥିବା କ୍ଷୟକ୍ଷତିର ଆକଳନ କରି ସହାୟତା ଦେବାକୁ କୃଷକ ସଂଗଠନଗୁଡ଼ିକ ଦାବି କରିଛନ୍ତି। ଏପରିକି ଧାନ କ୍ରୟ ସମୟରେ ଧାନର ମାନ ନିର୍ଦ୍ଧାରଣ ବେଳେ କୋହଳ ମନୋଭାବ ପୋଷଣ କରିବାକୁ ସରକାରୀ ନିର୍ଦ୍ଦେଶ ଆସିବା ଦରକାର ବୋଲି ସିପିଆଇ ନେତା ତ୍ରୈଲୋକ୍ୟନାଥ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ସିଦ୍ଧାର୍ଥ ସାରଥି ପରିଡ଼ା କୁହନ୍ତି, ଏଥିଯୋଗୁ କଟାହୋଇ ବିଲରେ ପଡିଥିବା ଧାନ ପ୍ରଭାବିତ ହେବ। ଠିଆ ହୋଇଥିବା ଧାନ ଅଧିକ ପ୍ରଭାବିତ ହୋଇ ନ ପାରେ। କ୍ଷୟକ୍ଷତି ଆକଳନ ପାଇଁ ସରକାରୀ ନିର୍ଦ୍ଦେଶ ଆସିଲେ ପଦକ୍ଷେପ ନିଆଯିବ।

## ସଂକ୍ଷେପରେ

### 'ଆୟୁଷ୍ମାନ ଯୋଜନା ଶୀଘ୍ର ପ୍ରଚଳନ ହେଉ'

କଟକ,୨୨।୧୨ (କାର୍ତ୍ତିକ ସାହୁ)– ପ୍ରାଇଭେଟ୍ ହସ୍ପିଟାଲ ଆସୋସିଏଶନ ଓଡ଼ିଶାର ବାର୍ଷିକ ସମ୍ମିଳନୀ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଘରୋଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ମାସକରେ ଥରେ ସରକାରୀ ଅଧିକାରୀଙ୍କ ବୈଠକ, ବିଜୁ ସ୍ୱାସ୍ଥ୍ୟ ବୀମା ଅଧୀନରେ ଥିବା ବିଭିନ୍ନ ଚିକିତ୍ସା ସୁବିଧା ସମସ୍ତ ଘରୋଇ ହସ୍ପିଟାଲକୁ ପ୍ରଦାନ, ହସ୍ପିଟାଲ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଅନୁମତିର ସରଳୀକରଣ ଓ ଆୟୁଷ୍ମାନ ଯୋଜନାର ଶୀଘ୍ର ପ୍ରଚଳନ ଆଦି ଦାବିଗୁଡ଼ିକ ଆସୋସିଏଶନ ପକ୍ଷରୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆସୋସିଏଶନ ସଭାପତି ଡା. ହରିଶ୍ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀକୁ କର୍କଟ ରୋଗ ବିଶେଷଜ୍ଞ ଡା. କୃପାସିନ୍ଧୁ ପଣ୍ଡା ଉଦ୍‌ଘାଟନ କରିଥିଲେ। ଆସୋସିଏଶନ ସମ୍ପାଦକ ଅନ୍ନଦା ପ୍ରସାଦ ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ଡା. ଉମେଶ ରାଏ, ଡା. ଚୈତନ୍ୟ ମାଝି, ଡା. ପିସି ମହାନ୍ତି ଓ ଡା. ରଞ୍ଜନ କୁମାର ଘୋଷ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରକ୍ତଦାନ ଶିବିର ଓ ଅସ୍ତ୍ରୋପଚାର ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଅରୁଣ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

### ଗାନ୍ଧିବାଦୀ କୃଷ୍ଣା ମହାନ୍ତି ପାଇବେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ

କଟକ,୨୨।୧୨ (କାର୍ତ୍ତିକ ସାହୁ)– ସମାଜ ଓ ରାଷ୍ଟ୍ର ନିର୍ମାଣରେ ଉତ୍ସର୍ଗୀକୃତ ଜୀବନବ୍ୟାପୀ ସାଧନା ନିମନ୍ତେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସାମାଜିକ କର୍ମୀ କୃଷ୍ଣା ମହାନ୍ତିଙ୍କୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଆଗାମୀ ୨୭ ତାରିଖ ପୂର୍ବାହ୍ନରେ ଡ୍ରିମ୍ସ ପରିସରସ୍ଥ ଜୟଶ୍ରୀ ଅଡିଟୋରିୟମ୍‌ରେ ଆୟୋଜନ ହେବାକୁ ଥିବା ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରିବେ। ଏଥିସହ ବିଭିନ୍ନ ବିଭାଗରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମିତ ମହାନ୍ତି ପିତା ମହାନ୍ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ମାତା ମାଳତୀ ଚୌଧୁରୀଙ୍କ ପ୍ରେରଣା ଏବଂ ଗାନ୍ଧିଜୀଙ୍କ ଜୀବନ ଦର୍ଶନରେ ଅନୁପ୍ରାଣିତ ହୋଇ ଦୀର୍ଘ ଦଶନ୍ଧି ଧରି ସମାଜସେବା ଓ ଗାନ୍ଧିଜୀଙ୍କ ରଚନାତ୍ମକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଛନ୍ତି। ସମ୍ପ୍ରତି ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ସଭାପତି ଓ ଅନୁଗୋଳସ୍ଥିତ ବାଜି ରାଉତ ଛାତ୍ରାବାସର ମୁଖ୍ୟ ଭାବରେ ସେ ଦାୟିତ୍ୱ ନିର୍ବାହ କରୁଛନ୍ତି।

# 'ଭୟମୁକ୍ତ ସରକାର ପ୍ରତିଷ୍ଠା ପାଇଁ ବଦ୍ଧପରିକର'


ମହୋତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏମ୍‌ପି ଭର୍ତ୍ତୃହରି ମହତାବ ଓ ଅନ୍ୟ ଅତିଥିମାନେ।

ଆଠଗଡ଼,୨୨।୧୨(ସତ୍ୟ ପ୍ରସାଦ ରଥ)

### ମହୋତ୍ସବର ପଞ୍ଚମ ସନ୍ଧ୍ୟା

ଲଘୁଚାପଜନିତ ବର୍ଷା ଓ ପ୍ରତିକୂଳ ପାଗ ଯୋଗୁ ୨ ଦିନ ହେବ ବାଧାପ୍ରାପ୍ତ ଆଠଗଡ଼ ମହୋତ୍ସବ ପଞ୍ଚମ ଦିବସରେ ପୁଣି ଚଳଚଞ୍ଚଳ ହୋଇଉଠିଛି। ଏଥିରେ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଭୟମୁକ୍ତ ସରକାର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ସେଠୀ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ, ବାଙ୍କୀ ବିଧାୟକ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଉପଜିଲାପାଳ ତଥା ମହୋତ୍ସବ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ପ୍ରହ୍ଲାଦ ନାରାୟଣ ଶର୍ମା ତଥା ମହୋତ୍ସବ ପାଳନ କମିଟିର ଆବାହକ ଆଇନଜୀବୀ ଫଣିଭୂଷଣ ରଥ ଓ ଉପଦେଷ୍ଟା ଅଭୟ କୁମାର ବାରିକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଠଗଡ଼ ମହୋତ୍ସବର ସ୍ମରଣିକା 'ଅଷ୍ଟାୟନ'କୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଉନ୍ମୋଚନ କରିଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ଆଠଗଡ଼ର ବହୁ ବ୍ୟକ୍ତିବିଶେଷଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମହୋତ୍ସବରେ ବିଭିନ୍ନ ପାରମ୍ପରିକ ନୃତ୍ୟ, ସଂଗୀତ ପ୍ରଦର୍ଶିତ ହୋଇଥିଲା। ଓଡ଼ିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ମନ୍ଟୁ ଛୁରିଆଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରତିଷ୍ଠାତା ସଭାପତିଙ୍କ ପରଲୋକ

ସାଲେପୁର, ୨୨।୧୨(ଅରବିନ୍ଦ ଭୂୟାଁ) : ସାଲେପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭାପତି ତଥା ଅବସରପ୍ରାପ୍ତ ଇଂ. ଯତିନ୍ଦ୍ର ନାଥ ନାୟକ(୮୨)ଙ୍କ ରବିବାର ତାଙ୍କ ବାସଭବନରେ ପରଲୋକ ଘଟିଛି। ବାର୍ଦ୍ଧକ୍ୟ କାରଣରୁ ସେ ରୋଗଗ୍ରସ୍ତ ରହୁଥିଲେ। ସେ ଜଣେ ପରୋପକାରୀ, ଧର୍ମ ପରାୟଣ ଓ ବିଶିଷ୍ଟ ସାମାଜିକ କର୍ମୀ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ୪ ପୁଅ, ବୋହୁ, ଝିଅ, ନାତି, ନାତୁଣୀ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଯତିନ୍ଦ୍ରଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବିଧାୟକ ପ୍ରଶାନ୍ତ ବେହେରା, ହେମନ୍ତ ଭୂୟାଁ, ବିରଞ୍ଚି ନାରାୟଣ କର, ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ପାଣିଗ୍ରାହୀ, ସୁଧୀର ଶତପଥୀ ପ୍ରମୁଖ ଶୋକବ୍ୟକ୍ତି କରିଛନ୍ତି।

### 'ପ୍ରଫେସର ବୈଷ୍ଣବ ଥିଲେ ସୁଗବେଷକ'

କଟକ,୨୨।୧୨ (କାର୍ତ୍ତିକ ସାହୁ):

ବିଜ୍ଞାନ ପ୍ରଚାର ସମିତିର ପାକ୍ଷିକ ଅଧିବେଶନ ଦୋଳମୁଣ୍ଡାଇସ୍ଥିତ ସମିତି କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡ. ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବିଜ୍ଞାନ ପ୍ରଚାର ସମିତିର ଆଜୀବନ ସଭ୍ୟ ତଥା ପୂର୍ବତନ ସମ୍ପାଦକ ଓ କୋଷାଧ୍ୟକ୍ଷ ପ୍ରଫେସର ଡ. ବୈଷ୍ଣବ ଚରଣ ସିଂହଙ୍କ ଅକାଳ ବିୟୋଗରେ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା। ସଭାପତି ସ୍ୱାଇଁ ସ୍ମୃତି ଚାରଣ କରି କହିଥିଲେ, ପ୍ରଫେସର ବୈଷ୍ଣବ ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବରେ ଶିକ୍ଷାର୍ଥୀଙ୍କ ମହଲରେ ସୁପରିଚିତ ଥିଲେ। ସେ ଥିଲେ ଜନପ୍ରିୟ ବିଜ୍ଞାନ ଲେଖକ ଏବଂ ସୁବକ୍ତା। ଏହି ଅବସରରେ ଡ. ଆଶୁତୋଷ ଦେବତାଙ୍କ ଲିଖିତ ପୁସ୍ତକ ବିଜ୍ଞାନ ଓ ପରିବେଶ ଉନ୍ମୋଚିତ ହୋଇଥିଲା। ଆସନ୍ତା ଜାନୁଆରୀ ୫ ତାରିଖରେ ପାଳନ ହେବାକୁ ଥିବା ସମିତିର ବାର୍ଷିକ ଉତ୍ସବ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ଡ. ଭାରତୀ ବେହେରା, ଡା. ସଚ୍ଚିଦାନନ୍ଦ ଶତପଥୀ, ଡ. ସୁବାସିନୀ ଲେଙ୍କା, ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ସୁକାନ୍ତ କିଶୋର ମହାନ୍ତି, ଡ. ହେମନ୍ତ ପରିଡ଼ା, ବ୍ରଜବନ୍ଧୁ ପୃଷ୍ଟି, ଡ. ଦେବେନ୍ଦ୍ରନାଥ ସାହୁ, ଡ. ଶିବ ଶଙ୍କର ନାୟକ, ଡ. ଅକ୍ଷୟ ଦାଶ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁଗ୍ମ ସମ୍ପାଦିକା କବିତା ପାଟଶାଣୀ ବିବରଣୀ ପାଠ ଓ ଅରବିନ୍ଦ କର ଧନ୍ୟବାଦ ଦେଇଥିଲେ।

# ଗଣିତ ଶାସ୍ତ୍ର ବେଦ, ବିଜ୍ଞାନ ସହ ଜଡ଼ିତ

ବଡମ୍ବା, ୨୨।୧୨( ମାୟାଧର ମଲ୍ଲିକ)

### ଜାତୀୟ ଗଣିତ ଦିବସ

ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ କଟେରିଛକ ସ୍ଥିତ କରବିଜ୍ଞାନ ଏକାଡେମୀ ପରିସରରେ ରବିବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଗଣିତ ବିଭାଗ ଅଧ୍ୟାପକ କେଦାର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଣିତ ଶାସ୍ତ୍ର ବେଦ ଓ ବିଜ୍ଞାନ ସହ ଜଡ଼ିତ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ତାମିଲନାଡୁ ରାଜ୍ୟ ଚେନାଇସ୍ଥିତ ଭିନ୍ନ ମଣିଷ – ଭିନ୍ନ ପୃଥିବୀ ସଂସ୍ଥାର ସମ୍ପାଦକ ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ଏକାଡେମୀର ଅଧ୍ୟକ୍ଷ ଶ୍ରୀନିବାସ ବେହେରା, ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଲକ୍ଷ୍ମୀଧର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗାଣିତିକ ସଶକ୍ତ ସୂତ୍ର ଓ ବୈଜ୍ଞାନିକ ପ୍ରକ୍ରିୟା ମଣିଷ ଜୀବନରେ ମହତ୍ତ୍ୱ ଉପରେ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏପରିକି ଯଦୁର୍ବେଦରେ ଥିବା ଗଣିତ ତଥ୍ୟ ଉପରେ ବହୁ ତଥ୍ୟ ଉପସ୍ଥାପନ କରିଥିଲେ। ଭାରତ ବିଶିଷ୍ଟ ଗଣିତଜ୍ଞ ଶ୍ରୀନିବାସ ଅୟଗର ରାମାନୁଜଙ୍କ ଜନ୍ମଦିନକୁ ଜାତୀୟ ଗଣିତ ଦିବସ ଭାବେ ପାଳନ କରାଯାଉଛି। ପିଲାଟିବେଳୁ ରାମାନୁଜଙ୍କ ଗଣିତ ପ୍ରତି ଦୁର୍ବଳତା ଥିଲା। ମାତ୍ର ୧୨ ବର୍ଷରୁ ସେ ବିସ୍ମୟ ବାଳକ ହେବାର ଗୌରବ ଅର୍ଜନ କରିଥିଲେ ବୋଲି ଅତିଥିମାନେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟକର୍ମୀ ଜହ୍ନ ରୂପା ମଲ୍ଲିକ, ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଦେଇ, ଶିକ୍ଷାବିତ ପ୍ରବୋଧ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କର୍ମକର୍ତ୍ତା ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ରମାନେ।

# ଲୋକଙ୍କ ପାଖରେ ପହଞ୍ଚିବ ବିକାଶ ଧାରା

### ଭାଜପାର ମିଶ୍ରଣ ପର୍ବ

■ ସାମିଲ ହେଲେ ଶତାଧିକ ନେତା, କର୍ମୀ

ଖୁଣ୍ଟୁଣୀ,୨୨।୧୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ମହାକାଳବସ୍ତ ସ୍କୁଲ ପଡ଼ିଆରେ ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପୂର୍ବର ସରକାରର ଭୁଲକୁ ସୁଧାରି ତୃଣମୂଳ ସ୍ତରରୁ ବିକାଶ ଧାରାକୁ ଲୋକଙ୍କ ନିକଟରେ ଡବଲ ଇଞ୍ଜିନ ସରକାର ପହଞ୍ଚାଇବ ବୋଲି କହିଥିଲେ। ସେହିପରି କଟକ ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ଆଠଗଡ଼ରେ ଦୀର୍ଘଦିନ ଧରି ଚାଲିଆସିଥିବା ଅରାଜକତା ଶାସନ ଯୋଗୁ ଯେଉଁ ବିକାଶ ହେବା କଥା ତାହା ହୋଇପାରିନାହିଁ। ତେଣୁ ଆଠଗଡ଼ରେ ଥିବା ବୋଝେ ଅଳିଆକୁ ସଫା କରି ସ୍ଥାନୀୟ ଲୋକଙ୍କ ଅଧୁରା ସ୍ୱପ୍ନକୁ ପ୍ରଧାନମନ୍ତ୍ରୀଙ୍କ ସହଯୋଗରେ ପୂରଣ କରାଯିବ। ଏହି ଅବସରରେ ଭାଜପା ନେତା ଅଭୟ ବାରିକଙ୍କ ଉଦ୍ୟମରେ ଆୟୋଜିତ ସମ୍ମିଳନୀରେ ଆଠଗଡ଼-ତିଗିରିଆ ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତରୁ ବହୁ ବିଜେଡି ସମର୍ଥିତ ପୂର୍ବତନ ଓ ବର୍ତ୍ତମାନ ନିର୍ବାଚିତ ପ୍ରତିନିଧି ଏବଂ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ସେଠୀ, ଜିଲା ଭାଜପା ସଭାପତି ରାମନାରାୟଣ ମହାନ୍ତି, ସୁକାନ୍ତ ବିଶ୍ୱାଳ, ବ୍ରଜେନ୍ଦ୍ର ରାୟ, ତୁଷାରକାନ୍ତି ଚକ୍ରବର୍ତ୍ତୀ, ପୂର୍ବତନ ବିଧାୟକ ରମେଶ ରାଉତ ପ୍ରମୁଖ ଯୋଗଦେଇ ଡବଲ ଇଞ୍ଜିନ ସରକାରର ଓଡ଼ିଶା ପ୍ରତି ଆଭିମୁଖ୍ୟ ଏବଂ ଯୋଜନା ବିଷୟରେ ଆଲୋକପାତ କରିଥିଲେ।

# କୃଷକଙ୍କ ସମୃଦ୍ଧି ନିମନ୍ତେ ଚାଲିଛି ପାଣି ପଞ୍ଚାୟତ ପକ୍ଷ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ,୨୨।୧୨ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ରାଜ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ଶନିବାରଠାରୁ ଜାନୁଆରୀ ୫ ପର୍ଯ୍ୟନ୍ତ ପାଣିପଞ୍ଚାୟତ ପକ୍ଷ ପାଳନ କରାଯାଉଥିବା ବେଳେ ଡମପଡ଼ା ବନ୍ୟାବାତ୍ୟା ଆଶ୍ରୟସ୍ଥଳୀଠାରେ କଟକ ଡିଭିଜନ ପକ୍ଷରୁ ବିଭାଜନସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯାଇଛି। 'ପାଣି ପଞ୍ଚାୟତ କୃଷିର ମନ୍ତ୍ର, କୃଷକର ବ୍ରତ' ସୂତ୍ର ଆଧାରରେ କୃଷକଙ୍କ ସମୃଦ୍ଧି ନିମନ୍ତେ କାର୍ଯ୍ୟକ୍ରମ କରାଯାଉଥିବା ବିଭାଗ ପକ୍ଷରୁ ପ୍ରକାଶ କରାଯାଇଥିଲା। ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା କୃଷକମାନେ କିପରି ଲାଭବାନ ହେବେ ସେନେଇ ସଚେତନ କରାଯିବା ସହ ଜଳଯୋଗାଣ ଓ ଏହି ବ୍ୟବସ୍ଥାର ଉନ୍ନତି, ପରିବର୍ତ୍ତନ ସମ୍ବନ୍ଧରେ ପ୍ରସ୍ତାବ ଦେବା, ଜଳର ଉପଲବ୍ଧତା ଓ ବଣ୍ଟନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଭାଗୀୟ ଅଧିକାରୀ ଅବିନାଶ ପଣ୍ଡା, ତୁଷାରକାନ୍ତ ପୃଷ୍ଟି, ଅର୍ପିତା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତଥିଲେ। ଏଥିରେ ଡମପଡ଼ା, କୁଶୁପଙ୍ଗି, ପାଥପୁର, ଘାସିପୁଟ, ଚକୁଳେଶ୍ୱର ଆଦି ଅଞ୍ଚଳର ପାଣିପଞ୍ଚାୟତର ସଦସ୍ୟମାନେ ଯୋଗଦେବା ସହ ବିଭାଗ ପକ୍ଷରୁ ଅତ୍ୟାଧୁନିକ ଯନ୍ତ୍ରପାତିକୁ ପ୍ରଦର୍ଶିତ କରାଯାଇ ଚାଷୀମାନଙ୍କୁ ସଚେତନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ଚାଷୀମାନେ ଯୋଗ ଦେଇଥିଲେ ।

# କୋଣାର୍କଠାରେ ନିର୍ମିତ ହୋଇଥିଲା ମହାଶ୍ରମଙ୍କ ବିଜୟୀ-ବିଗ୍ରହ

ଐତିହ୍ୟର ଓଡ଼ିଶା

■ ନିର୍ମାଣ ହୋଇଥିଲା ଶ୍ରୀସୂର୍ଯ୍ୟ-ଶ୍ରୀବ୍ରହ୍ମାଙ୍କର ମିଳିତ ବିଗ୍ରହ
■ ଫଗୁ କିଣିବା ପାଇଁ ଦିଆଯାଇଥିଲା ତିନି କାହାଣ କଉଡ଼ି

ଡ. ସୁରେନ୍ଦ୍ର କୁମାର ମିଶ୍ର

ଆମେ ଗତସଂଖ୍ୟାରେ ସୂଚନା ଦେଇଥିଲୁ ୧୨୫୫ ମସିହାରେ ପଗଡ଼ି ସଦୃଶ ବାରଟି ମୁକୁଟ ଲାଙ୍ଗୁଳା ନରସିଂହଙ୍କ ଆଦେଶରେ ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ ପଠାଯାଇଥିଲା। ପୋଥି ଅନୁଯାୟୀ ଶ୍ରୀମନ୍ଦିର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀମନ୍ଦିର ପୁରାତନ କାଗଜାତରୁ ଆମେ ସୂଚନା ପାଇଥିଲୁ ୩୪ଟି ରାଜମୁକୁଟ ଭିତର ଭଣ୍ଡାରରେ ଥିଲା। (ତଥ୍ୟ- ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ଦାଶ)। ଆମର ଉତ୍ସୁକତା ବଢ଼ିଲା। ପରମ୍ପରା ଅନୁଯାୟୀ ଓଡ଼ିଶାର ଗଜପତିମାନେ ଯୁଦ୍ଧରେ ପ୍ରତିପକ୍ଷକୁ ପରାସ୍ତ କରିବା ପରେ ପରାଜିତ ରାଜା/ମହାରାଜାମାନେ ନିଜର ରାଜମୁକୁଟକୁ ଗଜପତିଙ୍କୁ ହସ୍ତାନ୍ତର କରୁଥିଲେ। ଅନୁସନ୍ଧାନରୁ ଜାଣିଲୁ ଓଡ଼ିଶାର ପ୍ରାଚୀନ ସେନାବାହିନୀ ଗଡ଼, ଦୁର୍ଗ ଓ ସାମ୍ରାଜ୍ୟ ସମୁଦାୟ ୪୬ଟିରେ ବିଜୟଲାଭ କରିଥିଲେ। ତେଣୁ ଆଉ ୧୨ଟି ରାଜମୁକୁଟ କେଉଁଠି ରହିଲା ତା'ର ସୂଚନା ନାହିଁ। ତେବେ କ'ଣ ଲାଙ୍ଗୁଳା ନରସିଂହଦେବ, ତୁଗଇନ୍ ଖାଁଙ୍କ ମହଲରୁ ଆଣିଥିବା ସେଇ ୧୨ଟିମୁକୁଟକୁ ମିଶାଇ ୪୬ଟି ହେବ ? ଏହା ସମ୍ଭାବନା ମାତ୍ର। ଆମେ ଅନୁସନ୍ଧାନରୁ ଦୂରେଇ ଯାଇନୁ। ଚାଲୁ ରହିଛି।

ସେହି ଯୁଦ୍ଧରୁ ଫେରିବା ପରେ ମହାଶ୍ରମ ଆଦେଶ ଦେଇଥିଲେ- ନିଜର ଏକ ସ୍ୱତନ୍ତ୍ର ବିଗ୍ରହ ଗଢ଼ିବା ପାଇଁ। ଶିବେଇ ସାମନ୍ତରାୟ ହଁ ତ ଭରିଲେ! ଟିକିଏ ମହାଶ୍ରମଙ୍କ ମୁହଁକୁ ଚାହିଁଲେ। ଗଜପତି ବୁଝିପାରିଲେ। କହିଲେ- ଜଣେ ଯୋଦ୍ଧା ଯୁଦ୍ଧରୁ ବିଜୟଲାଭ କରି ଫେରିବାର ମୁଦ୍ରାରେ ବିଗ୍ରହ ନିର୍ମାଣ ହେବ। ବିଜୟୀ ବିଗ୍ରହ। ଶିବେଇ ସାମନ୍ତରା କହିଲେ- ନିଶ୍ଚୟ ହେବ। ସେଥିପାଇଁ ସେ ବରାଦ କଲେ ୨୫ ମାଢ଼ ସୁନା।

ଶିବେଇ ସାମନ୍ତରାୟ ବିଜୟୀ ବିଗ୍ରହ ନିର୍ମାଣ ପାଇଁ ଆଦେଶ ଦେବା ପରେ ଗର୍ଭଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଗର୍ଭପିଣ୍ଡି ବାସ୍ତୁ ଅନୁସାରେ ମାପଚୁପ ହେଲା। ଗିରିଧର ମହାପାତ୍ର ଅନୁରୋଧ କଲେ ନବଗ୍ରହ ପଥର ସ୍ତମ୍ଭର ତଳଭାଗ ଖୋଦେଇ ସରିଛି, ଆପଣ ଆସି ଟିକେ ଦେଖିଦିଅନ୍ତୁ। ସୂତ୍ରଧର (ଶିବେଇ ସାମନ୍ତରାୟ) ଦେଖି ସାରିବା ପରେ ସହମତ ହେଲେ। ସେତିକିବେଳେ ଦାମ ମହାପାତ୍ର କହିଲେ ମୋ କାମ ସରିଯାଇଛି। ନିର୍ମାଣ ନିୟମ ଅନୁସାରେ ତାହାକୁ ହସ୍ତାନ୍ତର କରିବାକୁ ଚାହୁଁଛି। ସୂତ୍ରଧର କହିଲେ, ତମେ ପରା ଚାରି ବାହୁ ବିଶିଷ୍ଟ ବିରଞ୍ଚି ନାରାୟଣଙ୍କର ବିଗ୍ରହ ନିର୍ମାଣ କରୁଥିଲ। ସମାପ୍ତ ହୋଇଛି? ଦାମ ମହାପାତ୍ର ତାଙ୍କୁ ପାଛୋଟି ନେଲେ। ସୂତ୍ରଧର ଦେଖିଲେ ଦୁଇ ହାତରେ ପଦ୍ମ ଅଛି। ଗୋଟିଏ ହାତରେ ବେଦପୁସ୍ତକ। ଅନ୍ୟ ହାତରେ କମଣ୍ଡଳୁ। ଶ୍ରୀସୂର୍ଯ୍ୟ ଓ ଶ୍ରୀବ୍ରହ୍ମାଙ୍କର ଏହି ମିଳିତ ବିଗ୍ରହ ଦେଖି ଦଣ୍ଡେ ଅଟକିଗଲେ ସୂତ୍ରଧର।


ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀରେ ଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ବିଗ୍ରହ।
(ସୌଜନ୍ୟ – ଡ. କୁମାର ଆରଜ୍ୟୋତି)

ସୂତ୍ରଧର ପୁଣି ଫେରିଗଲେ ଗର୍ଭଗୃହକୁ। ରାମ ମହାପାତ୍ର, ମଧୁ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସିଂହାସନ ନିର୍ମାଣର ମାପଦେଲେ। ସେମାନେ ପାଞ୍ଚଜଣ ପଥୁରିଆଙ୍କ ସହିତ କାର୍ଯ୍ୟ ସମାପ୍ତ କରିବେ ବୋଲି କହିବା ପରେ ସୂତ୍ରଧର ମୁଖଶାଳା ନିକଟରେ ପହଞ୍ଚିଥିଲେ। ମୁଖଶାଳାର ଦୁଆରବନ୍ଧ ସୂକ୍ଷ୍ମକାମ ଦାୟିତ୍ୱରେ ଥିଲେ ଗଦାଧର ମହାପାତ୍ର ଓ ରାମ ମହାରଣା। ଏହାପରେ ନିଧି ମହାରଣାଙ୍କ ନେତୃତ୍ୱରେ ୨୪ଜଣ ନିଯୁକ୍ତ ହୋଇଥିଲେ ସିଂହଦ୍ୱାର ଗୁମୁଟ ନିର୍ମାଣ କାର୍ଯ୍ୟ ପାଇଁ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରଦ୍ୱାର ପାଇଁ 'ହାତୀଦ୍ୱାର' ଓ ଦକ୍ଷିଣଦ୍ୱାର ପାଇଁ 'ଘୋଡ଼ାଦ୍ୱାର' ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ଶିଳ୍ପୀମାନଙ୍କୁ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ଦୋଳ ପୂର୍ଣ୍ଣମୀ ପୂର୍ବରୁ ପାଣି ଯୋଗାଉଥିବା ସମିୟାକୁ ୨୪ ଗୌଣୀ ଧାନ ଦିଆଯିବା ପରେ କାମ ବନ୍ଦ ହୋଇଥିଲା। ତିନି କାହାଣ କଉଡ଼ି ଦିଆଯାଇଥିଲା 'ଫଗୁ' କିଣାଯିବା ପାଇଁ। ଫଗୁଖେଳ ପାଇଁ ଦୁଇଦିନ କାର୍ଯ୍ୟ ବନ୍ଦ ହେଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ବ୍ୟବସ୍ଥା ଜାଣିବା ପରେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି, କେମିତି ଲେଖକମାନେ କଳ୍ପନା କରି ଲେଖିଲେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି! ଆଶ୍ଚର୍ଯ୍ୟ ତ ଲାଗୁଛି, କିନ୍ତୁ ସେମାନେ ଯେଉଁ ଚମକ ସୃଷ୍ଟି କରିବା ପାଇଁ ଓଡ଼ିଶାର ରାଜ ବ୍ୟବସ୍ଥା ତଥା ମନ୍ଦିର ନିର୍ମାଣ ବ୍ୟବସ୍ଥାକୁ ବିଶିଆଗୁଁଠି ଦେଖାଇଲେ ତାହା କାହାକୁ ନିନ୍ଦିତ କଲା ?

ପୋଥିର ତଥ୍ୟ ଅନୁଯାୟୀ ଦୁଇ ମାସ ଧରି ଲଗାତାର ପଥର କାମ କରୁଥିବା ୩୨ଜଣ ଶିଳ୍ପୀଙ୍କୁ ଦୋଳ ଉତ୍ସବ ଅବସରରେ ନିଜ ନିଜ ଘରକୁ ବିଶ୍ରାମ ପାଇଁ ପଠାଯାଇଥିଲା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ ଘରକୁ ଯିବା ପାଇଁ ବାଟଖର୍ଚ୍ଚ ନିଜ ପାଉଣାରୁ ଖର୍ଚ୍ଚ କରି ନ ଥିଲେ। ରାସ୍ତାରେ ଖାଦ୍ୟ ଗ୍ରହଣ ପାଇଁ ଚାଉଳ ମଧ୍ୟ ଦିଆଯାଇଥିଲା। ସମ୍ମାନର କଥା। ସେବେଳେ ଆଜିକାଲି ପରି ଭୋଜନାଳୟ ବ୍ୟବସ୍ଥା ରାସ୍ତା କଡ଼ରେ ନ ଥିଲା। ରୋଷେଇ କରି ଖାଇବାକୁ ପଡୁଥିଲା। ସେଥିପାଇଁ ପ୍ରଶାସନିକ ସ୍ତରରେ ସୁବ୍ୟବସ୍ଥା କରାଯିବା, ଗୋଟାଏ ଜାତିର ମହନୀୟତାକୁ ପ୍ରମାଣିତ କରିଥାଏ।

# ବର୍ଷକର ଆହାର ଚିନ୍ତାରେ ଚାଷୀ

■ ଅଦିନିଆ ବର୍ଷା ଉଜାଡ଼ିଲା ଧାନ ଫସଲ
■ ସରକାରୀ ସହାୟତା ଯୋଗାଇଦେବାକୁ ଦାବି

ନିରାକାରପୁର/ଜଟଣୀ/ ବାଣପୁର, ୨୨।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ/ ରବୀନ୍ଦ୍ରନାଥ ମହାକୁଡ଼/ ଦିଲୀପ ସ୍ୱାଇଁ)

ଲଘୁଚାପଜନିତ ବର୍ଷା ଯୋଗୁ ଖୋର୍ଦ୍ଧା ଜିଲାରେ ଧାନଚାଷ କ୍ଷତିଗ୍ରସ୍ତ ହୋଇଛି। ଯେଉଁ ସମୟରେ ଚାଷୀ ତା'ର ଅମଳ ଧାନକୁ କାଟି ମଣ୍ଡିରେ ନେଇ ବିକ୍ରି କରିଥାନ୍ତା, ସେହି ସମୟରେ ଧାନ ବିଲରେ ପାଣିରେ ପଡ଼ିରହିଛି ଏକର ଏକର ଧାନ। ଜମିରେ କଟା ହୋଇ ପଡ଼ିରହିଥିବା ଧାନ ଉଠାଇବା ଚାଷୀଙ୍କ ପକ୍ଷେ ସମ୍ଭବ ହେଉନି। ଏଭଳି ସ୍ଥିତିରେ ଫସଲ ପାଇଁ ଋଣ ଆଣିଥିବା ଚାଷୀମାନେ, ଋଣ ଭାର ପରିଶୋଧ କରିବା ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି କହିଛନ୍ତି। ଧାନ ସବୁ ବର୍ଷାପାଣିରେ ଭିଜି ଥିବାରୁ ଗଜା ହୋଇ ଆଉ ସେଥିରୁ କିଛି ଆଦାୟ ହେବ ନାହିଁ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି। ଚାଷୀ ବର୍ଷକର ଆହାର ହରାଇବା ଭୟରେ ଦୁଃଖରେ ଭାଙ୍ଗି ପଡିଛି। ଅନ୍ୟପଟେ ଚଳିତ ବର୍ଷ ରାଜ୍ୟ ସରକାର କେବଳ ଏଫ୍‌ଏକ୍ୟୁ ମାନର ଧାନ ହିଁ କିଣିବେ ବୋଲି ସ୍ପଷ୍ଟ କରିଛନ୍ତି। ଯାହା ଏବେ ଅଦିନିଆ ବର୍ଷା ଯୋଗୁ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଖୋର୍ଦ୍ଧା ଜିଲାର ବାଣପୁର, ଜଟଣୀ ଏବଂ ନିରାକାରପୁର ଅଞ୍ଚଳର ବହୁ ଚାଷୀଙ୍କ ଜମିରେ ପାଣି ଜମି ରହିଥିବାରୁ ଧାନ ଉଠିପାରୁ ନାହିଁ। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବା ସହ ସହାୟତା ପାଇଁ ସାଧାରଣରେ ଦାବି ହେଉଛି।

ହାତୀଙ୍କ ଉପଦ୍ରବ ଏବଂ ବର୍ଷା ନିରାକାରପୁର ଅଞ୍ଚଳର ଚାଷୀଙ୍କ ଚିନ୍ତା ବଢ଼ାଇଛି। ହାତୀପଲ ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେବା ସହ ଲୋକଙ୍କ ବାରି ଏବଂ କ୍ଷେତରେ ପଶି ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ବର୍ଷକର ଆହାରକୁ କିଭଳି ହାତୀଦାଉରୁ ରକ୍ଷା କରିବେ ସେ ନେଇ ପାଳିକରି କ୍ଷେତରେ ଜଗି ରହୁଥିବା ବେଳେ ବର୍ଷା ସବୁ ଉଜାଡ଼ିଦେଲା ବୋଲି ଚାଷୀମାନେ କହିଛନ୍ତି। ସତ୍ୟାନନ୍ଦ ପ୍ରଧାନଙ୍କ ଦେଢ଼ ଏକର ଜମିର ୫ଶହରୁ ଊର୍ଦ୍ଧ୍ୱ ଥିବା କଳେଇ ଗଦାକୁ ହାତୀ ଖାଇଦେଇଥିବା ଅଭିଯୋଗ ହୋଇଛି। ସେହପରି ରଙ୍କ ପ୍ରଧାନ, ରମେଶ ମହାପାତ୍ର, ସନାତନ ସାମନ୍ତରାୟଙ୍କ କଳେଇ ମଧ ହାତୀପଲ ଖାଇଦେଇଥିବା ଜଣାପଡ଼ିଛି। ଏଭଳି ସ୍ଥିତିରେ କ'ଣ କରିବୁ ଭାବି ଆଖିକୁ ନିଦ ନାହିଁ ବୋଲି ଚାଷୀ ସତ୍ୟାନନ୍ଦ ପ୍ରଧାନ କହିଛନ୍ତି। ବନ ବିଭାଗ ଓ କୃଷି ବିଭାଗ ପକ୍ଷରୁ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇଦେବା ଲାଗି ଦାବି ହେଉଛି। ସେହିପରି ଜଟଣୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର କ୍ଷେତରେ ବର୍ଷାପାଣି ଜମି ରହିଥିବାରୁ ଧାନ ଗଜା ହେବା ନେଇ ଆଶଙ୍କା ଦେଖାଦେଇଛି। ବ୍ଲକ ପ୍ରଶାସନ ସୂଚନା ମୁତାବକ, ଜଟଣୀ ବ୍ଲକରେ ମୋଟ୍ ୬୫୫୩ ହେକ୍ଟର ଚାଷଜମି ମଧ୍ୟରୁ ୧୪୭ ହେକ୍ଟର ଜମିରେ ଧାନ ରହିଥିବା ବେଳେ ୧୩୨ ହେକ୍ଟର ଧାନ କଟାଯାଇଛି। ୩୨୦ ହେକ୍ଟର ଜମିରୁ ଧାନକାଟି ଚାଷୀ ସୁରକ୍ଷିତ ସ୍ଥାନରେ ରଖିଛନ୍ତି। ଅଧିକାଂଶ ସ୍ଥାନରେ ହୋଇଥିବା ପନିପରିବା ଚାଷ ମଧ କ୍ଷତିଗ୍ରସ୍ତ ହୋଇଛି। ଅନ୍ୟପଟେ ପଦନପୁର ପଞ୍ଚାୟତରେ ୭ରୁ ୮ଏକର ଧାନକ୍ଷେତ ପ୍ରଭାବିତ ହୋଇଥିବା ଜଣାପଡ଼ିଛି। ସେହିପରି ବାଣପୁର ବ୍ଲକ ଅଞ୍ଚଳର ଚାଷଜମିରେ ପାଣି ଜମି ରହିଥିବା ବେଳେ ପାଚିଲା ଧାନ ତଳେ ପଡିଯିବାରୁ ଗଜା ହେବାକୁ ବସିଲାଣି । ସେପଟେ ଲଗାଣ ବର୍ଷା ଚାଷକୁ ପ୍ରଭାବିତ କରିଥିବା ବେଳେ ସରକାରୀ ସହାୟତା ଯୋଗାଇଦେବାକୁ ଚାଷୀ ଦାବି କରିଛନ୍ତି।



## ସଂକ୍ଷେପରେ

### ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଅଭିଯୋଗ

ବେଗୁନିଆ,୨୨।୧୨(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣା ଗ୍ରାମସ୍ଥିତ ନୂଆ ଆଦିବାସୀସାହି ମୁଣ୍ଡରେ ବସିଥିବା ୨୫କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଶନିବାର ରାତିରେ ଦୁର୍ବୃତ୍ତମାନେ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଛି। ଏନେଇ ବିଦ୍ୟୁତ୍ ବିଭାଗ ପକ୍ଷରୁ ରବିବାର ବେଗୁନିଆ ଥାନାରେ ଏତଲା ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ନୂଆସାହି ମୁଣ୍ଡରେ ବସିଥିବା ଉକ୍ତ ଟ୍ରାନ୍ସଫର୍ମରକୁ ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଲୁଟି ନେଇଯାଇଛନ୍ତି। ଏନେଇ ଉପଭୋକ୍ତାମାନେ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ତେବେ ୧୧ କେଭି ବିଦ୍ୟୁତ୍ ସରବରାହ ଜାରି ରହିଥିବାବେଳେ କିଭଳି ଲୁଟେରାମାନେ ଟ୍ରାନ୍ସଫର୍ମର ନେଇଗଲେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ଅଧିବକ୍ତା

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସରକାର ରାଜ୍ୟର ଆଇନଜୀବୀଙ୍କ କଲ୍ୟାଣ ପାଣ୍ଠି ସହାୟତା ରାଶି ୧୦କୋଟିକୁ ବୃଦ୍ଧି କରିଛନ୍ତି। ଏନେଇ ଆଇନଜୀବୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ଏନେଇ ରାଜ୍ୟ ଅଧିବକ୍ତା ପରିଷଦ ଅଧକ୍ଷ ଅଜିତ ପଟ୍ଟନାୟକ, ଜିଲା ସଭାପତି ପବିତ୍ର ମୋହନ ରାଜଗୁରୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଟ୍ଟନାୟକ, ସନତ ପଟ୍ଟନାୟକଙ୍କ ସମେତ ଆରତି ପଟ୍ଟନାୟକ, ଅଜିତ ମିଶ୍ର, ପ୍ରଭାତ ମହାପାତ୍ର, ସ୍ମିତାରାଣୀ ମିଶ୍ର, ନିରଞ୍ଜନ ବାଘସିଂହ, ନିରଞ୍ଜନ ବଳବନ୍ତରାୟ, ପ୍ରଦୀପ ମଙ୍ଗରାଜ, ରାଜକିଶୋର ପଣ୍ଡା, ସ୍ମିତାରାଣୀ ଅଗ୍ରୱାଲ, ପ୍ରଦୀପ୍ତ ଧଳ ଏବଂ ଖୋର୍ଦ୍ଧା ଜିଲା ଆଇନ ପ୍ରକୋଷ୍ଠ ସଂଯୋଜକ ଲୋତକବିନ୍ଦୁ ପଟ୍ଟନାୟକ ପ୍ରମୁଖ ମୁଖ୍ୟମନ୍ତ୍ରୀ ଓ ଆଇନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ପୂର୍ଣ୍ଣଚନ୍ଦ୍ର ଜଗଦ୍ଦେବଙ୍କ ସ୍ମୃତିଚାରଣ

ବାଘମାରୀ,୨୨।୧୨(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ପଞ୍ଚାୟତ ଅଟ୍ରିଠାରେ ପୂର୍ଣ୍ଣଚନ୍ଦ୍ର ଜଗଦ୍ଦେବଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଠାକୁର୍ ନିଗମାନନ୍ଦ ପରମହଂସଙ୍କ ଆଶ୍ରମ ପରିସରରେ ଅନୁଷ୍ଠିତ ସଭାରେ ଅନେକ ଗୁରୁ ଭାଇ ଯୋଗଦେଇ ପୂର୍ଣ୍ଣ ଚନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ ଯୋଗେଶ୍ୱର ସୁନ୍ଦରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ଣ୍ଣଚନ୍ଦ୍ରଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରାଯାଇଥିଲା। ଧନେଶ୍ୱର ଜଗଦ୍ଦେବ, ପ୍ରତାପ ପଣ୍ଡା, ଦୟାନିଧି ବେହେରା, ସନାତନ ଦାସ, ରଜନୀକାନ୍ତ ପଣ୍ଡା, କେଶବ ବରାଳ, କଳ୍ପତରୁ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହ ଆଶ୍ରମ ପରିସରରେ ଚାରାରୋପଣ କରିଥିଲେ। ଧୀରେନ ଜଗଦ୍ଦେବ ଧନ୍ୟବାଦ ଦେଇଥିଲେ।

## ୨୫ରେ ଉଦ୍‌ଯାପିତ ହେବ ଖୋର୍ଦ୍ଧା ମହୋତ୍ସବ

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ଲଘୁଚାପଜନିତ ବର୍ଷା ଯୋଗୁ ଦୁଇଦିନ ଖୋର୍ଦ୍ଧା ମହୋତ୍ସବ ବନ୍ଦ ରହିଥିବା ବେଳେ ରବିବାରଠାରୁ ପୁଣି ଆରମ୍ଭ ହୋଇଛି। ହାବେଳି ପଡ଼ିଆରେ ଅନୁଷ୍ଠିତ ଏହି ମହୋତ୍ସବ ଆସନ୍ତା ୨୫ ତାରିଖରେ ଉଦ୍‌ଯାପିତ ହେବ ବୋଲି ଆୟୋଜକ କମିଟି ସମ୍ପାଦକ ନରେନ୍ଦ୍ର ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ପୂର୍ବରୁ ମହୋତ୍ସବ ଆୟୋଜନ ଲାଗି ୨୫ତାରିଖ ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଅନୁମତି ନିଆଯାଇଥିବା ବେଳେ ଏହା ୧୫ରୁ ୨୨ତାରିଖ ପର୍ଯ୍ୟନ୍ତ ସ୍ଥିର କରାଯାଇଥିଲା। ଲଗାଣ ବର୍ଷା ଯୋଗୁ ଦୁଇ ଦିନ ଉତ୍ସବ ସ୍ଥଗିତ ରଖାଯାଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଆଗ୍ରହ ଓ କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ କ୍ଷତିଭରଣା ଲାଗି ପୁଣି ଥରେ ଏହାକୁ ୩ଦିନ ଆୟୋଜନ ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ପୃଷ୍ଟି ସ୍ପଷ୍ଟ କରିଛନ୍ତି। ସେପଟେ ଦୁଇ ଦିନ ପରେ ପୁଣି ମହୋତ୍ସବ ଆରମ୍ଭ ଆୟୋଜନ ପ୍ରଚାର ପରେ ସନ୍ଧ୍ୟାରେ ଲୋକଙ୍କ ଭିଡ଼ ଜମିଥିଲା। ବର୍ଷା ଯୋଗୁ କ୍ଷତି ସହିଥିବା ବ୍ୟବସାୟୀଙ୍କ ମୁଖରେ ହସ ଫୁଟିଛି।



ଜାତୀୟ ଗଣିତ ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର। (ଫଟୋ: ଦେବବ୍ରତ ହୋତା)

## ଜାତୀୟ ଗଣିତ ଦିବସ ପାଳିତ

ବୋଲଗଡ଼,୨୨।୧୨(ଦେବବ୍ରତ ହୋତା)

ବୋଲଗଡ଼ ସଦରମହକୁମା ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବିରଞ୍ଚି କୁମାର ସାହୁଙ୍କ ଅଧକ୍ଷତାରେ ରବିବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ରଶ୍ମିତା ରଣସିଂହ ଗୁରୁମା' ଭାରତର ମହାନ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନଙ୍କ ଗଣିତ କ୍ଷେତ୍ରରେ ଅବଦାନ ସମ୍ବନ୍ଧରେ ପିଲାମାନଙ୍କୁ ବୁଝାଇଥିଲେ। ରାମାନୁଜନ ଏହି ପାଠକୁ ସହଜ ଓ ସରଳ କରିଥିବା କହିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ଦେବପ୍ରସାଦ ସାହୁଙ୍କ ସଂଯୋଜନାରେ ଚତୁର୍ଥଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନେ ଗଣିତ ପ୍ରକଳ୍ପ, ପ୍ରଶ୍ନମଞ୍ଚ ଗଣିତ ପତ୍ରବାଚନରେ ଭାଗ ନେଇଥିଲେ। ପରେ ଗୁରୁମା' ଗୁରୁଜୀଙ୍କ ଦ୍ୱାରା ମୂଲ୍ୟାଙ୍କନ କରାଯାଇ କୃତୀ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## 'ଲିଗାସି ରାମାନୁଜନ୍' ଶୀର୍ଷକ ଆଲୋଚନାଚକ୍ର





ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଗଣିତ ବିଭାଗ ପକ୍ଷରୁ 'ଲିଗାସି ରାମାନୁଜନ୍' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନାଇଜର ପ୍ରାଧ୍ୟାପକ ଡ. ସୁଧୀର କୁମାର ପୂଜାହାରୀ ଅତିଥିଭାବେ ଯୋଗଦେଇ ରାମାନୁଜନଙ୍କ ଜୀବନୀ ଆଦର୍ଶ, ଆଲୋଚ୍ୟ ବିଷୟବସ୍ତୁ ଉପରେ ଆଲୋକପାତ କରି ପିଲାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷା ଡ.ବିନୋଦିନୀ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ଡ.ପୂର୍ଣ୍ଣିମା ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସୌମେନ୍ଦ୍ର ମିଶ୍ର ସଂଯୋଜନା ଏବଂ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧକ୍ଷ ଡ.ପ୍ରଣବ କିଶୋର ମହାନ୍ତି, ପ୍ରାଧ୍ୟାପକ ଶୁଭେନ୍ଦୁ ମହାନ୍ତି, ପ୍ରାଧ୍ୟାପିକା କ୍ରିଷ୍ଣା ମଞ୍ଜରୀ ସାହୁ, ଦୁର୍ଗାଚରଣ ନାୟକ, ଡ. ରବିନାରାୟଣ ବାରିକ, ଅରବିନ୍ଦ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ମାଥ୍ ମ୍ୟାଜିକ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ସୌମ୍ୟା ସରିତା ସାହୁ, ଏନ୍.ସୋନାଲିକା ପ୍ରଧାନ ଏବଂ ଲୋପାମୁଦ୍ରା ବେହେରାଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଗୁରୁକୁଳ ଶିକ୍ଷା ସମାଜ ପରିବର୍ତ୍ତନରେ ସହାୟକ ହୋଇଥାଏ

ବେଗୁନିଆ,୨୨।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଆଶ୍ରମର ପଞ୍ଚମ ବାର୍ଷିକ ଉତ୍ସବ ଏବଂ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ବାର୍ଷିକ ପାଳନ ଉତ୍ସବର ଦ୍ୱିତୀୟ ଦିବସରେ ୫୧ କୁଣ୍ଡୀୟ ଯଜ୍ଞ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରେ ଯୋଗ ପ୍ରାଣାୟାମ ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଗୁରୁକୁଳ ଆଶ୍ରମର ପ୍ରତିଷ୍ଠାତା ତଥା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ସ୍ୱାମୀ ଶାନ୍ତାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ମୁଖ୍ୟ ବକ୍ତା ଏବଂ ସମାଜସେବୀ ଅଜୟ କୁମାର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଗୁରୁକୁଳ ଶିକ୍ଷା ଦ୍ୱାରା ସମାଜରେ ପରିବର୍ତ୍ତନ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଦେଇଥିଲେ।



ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ଆଶ୍ରମର ପଞ୍ଚମ ବାର୍ଷିକ ଉତ୍ସବରେ ଦ୍ୱିତୀୟ ଦିବସରେ ଅତିଥିଙ୍କ ଗହଣରେ କୃତୀ ଛାତ୍ରଛାତ୍ରୀ।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ସଂଗ୍ରାମଙ୍କ କୃତିତ୍ୱ

ଖୋର୍ଦ୍ଧା,୨୨।୧୨(ପ୍ରଭାତ ପାଣିଗ୍ରାହୀ)

ବରଗଡ଼ ଜିଲା ବରପାଲୀରେ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ହାଇସ୍କୁଲ ଛାତ୍ର ସଫଳତା ହାସଲ କରିଛନ୍ତି। ଏହି ପ୍ରଦର୍ଶନୀରେ ଓଡ଼ିଶାର ୩୦ଜିଲାରୁ ୨୧୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଦର୍ଶନୀରେ ୭ଟି ଉପବିଭାଗ ମଧ୍ୟରୁ ସମ୍ବଳ ପରିଚାଳନା ଉପ ବିଭାଗରେ ବିଜେବି ଉଚ୍ଚ ବିଦ୍ୟାଳୟ ଛାତ୍ର ସଂଗ୍ରାମ ପୁହାଣ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସନ୍ତୁଳିତ ପରିବେଶ ସଂକ୍ରାନ୍ତୀୟ ପ୍ରକଳ୍ପ ପ୍ରସ୍ତୁତ କରି ସଂଗ୍ରାମ ବିଚାରକଙ୍କ ଦ୍ୱାରା ପ୍ରଂଶସିତ ହୋଇଥିଲେ। ସେ ଆସନ୍ତା ଜାନୁଆରୀ ୭ରୁ ୧୦ତାରିଖ ପର୍ଯ୍ୟନ୍ତ କୋଲକାତାଠାରେ ଅନୁଷ୍ଠିତ ହେବାକୁ ଥିବା ଜୋନାଲସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବେ। ବିଜ୍ଞାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି ଏହି ପ୍ରକଳ୍ପ ଗାଇଡ୍ ଶିକ୍ଷକ ରହିଥିଲେ। ସଂଗ୍ରାମଙ୍କ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ତରାଇ, ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ଧ୍ୟାରାଣୀ ରାଉତ, ବିଜେବି ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଭାକର ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



## କୁମାରବସ୍ତ୍ରକୁ ହରାଇ ତମାଣ୍ଡୋ ଚାମ୍ପିୟନ

ବାଘମାରୀ,୨୨।୧୨ (ମିହିର ରଞ୍ଜନ ମହାପାତ୍ର)

ପତନିବର ରେନ୍‌ବୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଅନୁଷ୍ଠିତ ୩୦ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ତମାଣ୍ଡୋ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ତମାଣ୍ଡୋ ଓ କୁମାରବସ୍ତ୍ର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି କୁମାରବସ୍ତ୍ର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୦ ଉଇକେଟ ବିନିମୟରେ ୧୦୨ ରନ ସଂଗ୍ରହ କରିଥିଲା। ଜବାବରେ ତମାଣ୍ଡୋ ଟିମ୍ ୧୧ଓଭରରେ ୪ ଉଇକେଟ ବିନିମୟରେ ୧୦୩ ରନ ସଂଗ୍ରହ କରି ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ତମାଣ୍ଡୋ ଟିମ୍‌ର ଜଗନ୍ନାଥ ଗୋଉ ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପ୍ରଣବ ପାଇକରାୟ ଏବଂ ଏମ୍.ଡି ସୁଲେମାନ ମ୍ୟାଚ ପରିଚାଳନା କରିଥିବା ବେଳେ ମଳୟ ପ୍ରଧାନ ଏବଂ ଶୁଭେନ୍ଦୁ ପାଇକରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ କ୍ଲବର ସଭାପତି ସଂଗ୍ରାମ ବିଶ୍ୱାଳଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ସାରୁଅ ସରପଞ୍ଚ ସୁଶ୍ରୀ ରଞ୍ଜିତା ମହାଭୋଇ, ସାମାଜିକକର୍ମୀ ବିଭୂତି ଭୂଷଣ ପାଣିଗ୍ରାହୀ, ଅକ୍ଷୟ ସୁନ୍ଦରାୟ, ସଞ୍ଜୟ ସୁନ୍ଦରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଏବଂ ରନରଅପ ଟିମ୍‌କୁ ଟ୍ରଫି ସହ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଏଥିସହ ଅନ୍ୟ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। କ୍ଲବର ସମ୍ପାଦକ ଅଶୋକ ବେହେରା ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ।





ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

## କୋଣାର୍କଠାରେ ନିର୍ମିତ ହୋଇଥିଲା ମହାଶ୍ରମଙ୍କ ବିଜୟୀ-ବିଗ୍ରହ

■ ନିର୍ମାଣ ହୋଇଥିଲା ଶ୍ରୀସୂର୍ଯ୍ୟ-ଶ୍ରୀବ୍ରହ୍ମାଙ୍କର ମିଳିତ ବିଗ୍ରହ
■ ଫଗୁ କିଣିବା ପାଇଁ ଦିଆଯାଇଥିଲା ତିନି କାହାଣ କଉଡ଼ି

ଡ. ସୁରେନ୍ଦ୍ର କୁମାର ମିଶ୍ର





ଆମେ ଗତସଂଖ୍ୟାରେ ସୂଚନା ଦେଇଥିଲୁ ୧୨୫୫ ମସିହାରେ ପଗଡ଼ି ସଦୃଶ ବାରଟି ମୁକୁଟ ଲାଙ୍ଗୁଳା ନରସିଂହଙ୍କ ଆଦେଶରେ ଶ୍ରୀପୁରୁଷୋତ୍ତମ କୋଷାଗାରକୁ ଅର୍ଥାତ୍ ଶ୍ରୀମନ୍ଦିର ଭଣ୍ଡାରକୁ ପଠାଯାଇଥିଲା। ପୋଥି ଅନୁଯାୟୀ ଶ୍ରୀମନ୍ଦିର ଭଣ୍ଡାର ମେକାପଙ୍କୁ ହସ୍ତାନ୍ତର କରାଯାଇଥିଲା। ଶ୍ରୀମନ୍ଦିର ପୁରାତନ କାଗଜାତରୁ ଆମେ ସୂଚନା ପାଇଥିଲୁ ୩୪ଟି ରାଜମୁକୁଟ ଭିତର ଭଣ୍ଡାରରେ ଥିଲା। (ତଥ୍ୟ- ଶ୍ରୀମନ୍ଦିରର ପୂର୍ବତନ ପ୍ରଶାସକ ରବୀନ୍ଦ୍ର ନାରାୟଣ ଦାଶ)। ଆମର ଉତ୍ସୁକତା ବଢ଼ିଲା। ପରମ୍ପରା ଅନୁଯାୟୀ ଓଡ଼ିଶାର ଗଜପତିମାନେ ଯୁଦ୍ଧରେ ପ୍ରତିପକ୍ଷକୁ ପରାସ୍ତ କରିବା ପରେ ପରାଜିତ ରାଜା/ମହାରାଜାମାନେ ନିଜର ରାଜମୁକୁଟକୁ ଗଜପତିଙ୍କୁ ହସ୍ତାନ୍ତର କରୁଥିଲେ। ଅନୁସନ୍ଧାନରୁ ଜାଣିଲୁ ଓଡ଼ିଶାର ପ୍ରାଚୀନ ସେନାବାହିନୀ ଗଡ଼, ଦୁର୍ଗ ଓ ସାମ୍ରାଜ୍ୟ ସମୁଦାୟ ୪୬ଟିରେ ବିଜୟଲାଭ କରିଥିଲେ। ତେଣୁ ଆଉ ୧୨ଟି ରାଜମୁକୁଟ କେଉଁଠି ରହିଲା ତା'ର ସୂଚନା ନାହିଁ। ତେବେ କ'ଣ ଲାଙ୍ଗୁଳା ନରସିଂହଦେବ, ତୁଗଇନ୍ ଖାଁଙ୍କ ମହଲରୁ ଆଣିଥିବା ସେଇ ୧୨ଟି ମୁକୁଟକୁ ମିଶାଇ ୪୬ଟି ହେବ ? ଏହା ସମ୍ଭାବନା ମାତ୍ର। ଆମେ ଅନୁସନ୍ଧାନରୁ ଦୂରେଇ ଯାଇନୁ। ଚାଲୁ ରହିଛି।

ସେହି ଯୁଦ୍ଧରୁ ଫେରିବା ପରେ ମହାଶ୍ରମ ଆଦେଶ ଦେଇଥିଲେ- ନିଜର ଏକ ସ୍ୱତନ୍ତ୍ର ବିଗ୍ରହ ଗଢ଼ିବା ପାଇଁ। ଶିବେଇ ସାମନ୍ତରାୟ ହଁ ତ ଭରିଲେ! ଟିକିଏ ମହାଶ୍ରମଙ୍କ ମୁହଁକୁ ଚାହିଁଲେ। ଗଜପତି ବୁଝିପାରିଲେ। କହିଲେ- ଜଣେ ଯୋଦ୍ଧା ଯୁଦ୍ଧରୁ ବିଜୟଲାଭ କରି ଫେରିବାର ମୁଦ୍ରାରେ ବିଗ୍ରହ ନିର୍ମାଣ ହେବ। ବିଜୟୀ ବିଗ୍ରହ। ଶିବେଇ ସାମନ୍ତରା କହିଲେ- ନିଶ୍ଚୟ ହେବ। ସେଥିପାଇଁ ସେ ବରାଦ କଲେ ୨୫ ମାଢ଼ ସୁନା।

ଶିବେଇ ସାମନ୍ତରାୟ ବିଜୟୀ ବିଗ୍ରହ ନିର୍ମାଣ ପାଇଁ ଆଦେଶ ଦେବା ପରେ ଗର୍ଭଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ଗର୍ଭପିଣ୍ଡି ବାସ୍ତୁ ଅନୁସାରେ ମାପଚୁପ ହେଲା। ଗିରିଧର ମହାପାତ୍ର ଅନୁରୋଧ କଲେ ନବଗ୍ରହ ପଥର ସ୍ତମ୍ଭର ତଳଭାଗ ଖୋଦେଇ ସରିଛି, ଆପଣ ଆସି ଟିକେ ଦେଖିଦିଅନ୍ତୁ। ସୂତ୍ରଧର (ଶିବେଇ ସାମନ୍ତରାୟ) ଦେଖି ସାରିବା ପରେ ସହମତ ହେଲେ। ସେତିକିବେଳେ ଦାମ ମହାପାତ୍ର କହିଲେ ମୋ କାମ ସରିଯାଇଛି। ନିର୍ମାଣ ନିୟମ ଅନୁସାରେ ତାହାକୁ ହସ୍ତାନ୍ତର କରିବାକୁ ଚାହୁଁଛି। ସୂତ୍ରଧର କହିଲେ, ତମେ ପରା ଚାରି ବାହୁ ବିଶିଷ୍ଟ ବିରଞ୍ଚି ନାରାୟଣଙ୍କର ବିଗ୍ରହ ନିର୍ମାଣ କରୁଥିଲ। ସମାପ୍ତ ହୋଇଛି ? ଦାମ ମହାପାତ୍ର ତାଙ୍କୁ ପାଛୋଟି ନେଲେ। ସୂତ୍ରଧର ଦେଖିଲେ ଦୁଇ ହାତରେ ପଦ୍ମ ଅଛି। ଗୋଟିଏ ହାତରେ ବେଦପୁସ୍ତକ। ଅନ୍ୟ ହାତରେ କମଣ୍ଡଳୁ। ଶ୍ରୀସୂର୍ଯ୍ୟ ଓ ଶ୍ରୀବ୍ରହ୍ମାଙ୍କର ଏହି ମିଳିତ ବିଗ୍ରହ ଦେଖି ଦଣ୍ଡେ ଅଟକିଗଲେ ସୂତ୍ରଧର।

ସୂତ୍ରଧର ପୁଣି ଫେରିଗଲେ ଗର୍ଭଗୃହକୁ। ରାମ ମହାପାତ୍ର, ମଧୁ ଓ ବିଶ୍ୱନାଥ ମହାପାତ୍ରଙ୍କୁ ସିଂହାସନ ନିର୍ମାଣର ମାପଦେଲେ। ସେମାନେ ପାଞ୍ଚଜଣ ପଥୁରିଆଙ୍କ ସହିତ କାର୍ଯ୍ୟ ସମାପ୍ତ କରିବେ ବୋଲି କହିବା ପରେ ସୂତ୍ରଧର ମୁଖଶାଳା ନିକଟରେ ପହଞ୍ଚିଥିଲେ। ମୁଖଶାଳାର ଦୁଆରବନ୍ଧ ସୂକ୍ଷ୍ମକାମ ଦାୟିତ୍ୱରେ ଥିଲେ ଗଦାଧର ମହାପାତ୍ର ଓ ରାମ ମହାରଣା। ଏହାପରେ ନିଧି ମହାରଣାଙ୍କ ନେତୃତ୍ୱରେ ୨୪ଜଣ ନିଯୁକ୍ତ ହୋଇଥିଲେ ସିଂହଦ୍ୱାର ଗୁମୁଟ ନିର୍ମାଣ କାର୍ଯ୍ୟ ପାଇଁ। ଶ୍ରୀପଦ୍ମକେଶର ମନ୍ଦିରର ଉତ୍ତରଦ୍ୱାର ପାଇଁ 'ହାତୀଦ୍ୱାର' ଓ ଦକ୍ଷିଣଦ୍ୱାର ପାଇଁ 'ଘୋଡ଼ାଦ୍ୱାର' ଶବ୍ଦ ବ୍ୟବହାର ହୋଇଥିବାର ଦେଖାଯାଏ। ଶିଳ୍ପୀମାନଙ୍କୁ ପାଣି ଓ ପାନ ଯୋଗାଇବା ବ୍ୟବସ୍ଥା ହୋଇଥିବା କଥା ପୂର୍ବରୁ ସୂଚନା ଦେଇଥିଲୁ। ଦୋଳ ପୂର୍ଣ୍ଣିମୀ ପୂର୍ବରୁ ପାଣି ଯୋଗାଉଥିବା ସମିୟାକୁ ୨୪ ଗୌଣୀ ଧାନ ଦିଆଯିବା ପରେ କାମ ବନ୍ଦ ହୋଇଥିଲା। ତିନି କାହାଣ କଉଡ଼ି ଦିଆଯାଇଥିଲା 'ଫଗୁ' କିଣାଯିବା ପାଇଁ। ଫଗୁଖେଳ ପାଇଁ ଦୁଇଦିନ କାର୍ଯ୍ୟ ବନ୍ଦ ହେଲା।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ବେଳର ବ୍ୟବସ୍ଥା ଜାଣିବା ପରେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି, କେମିତି ଲେଖକମାନେ କଳ୍ପନା କରି ଲେଖିଲେ ଶିଳ୍ପୀମାନଙ୍କୁ ନିର୍ଯାତନା ଦିଆଯାଉଥିଲା ବୋଲି! ଆଶ୍ଚର୍ଯ୍ୟ ତ ଲାଗୁଛି, କିନ୍ତୁ ସେମାନେ ଯେଉଁ ଚମକ ସୃଷ୍ଟି କରିବା ପାଇଁ ଓଡ଼ିଶାର ରାଜ ବ୍ୟବସ୍ଥା ତଥା ମନ୍ଦିର ନିର୍ମାଣ ବ୍ୟବସ୍ଥାକୁ ବିଶିଆଙ୍ଗୁଠି ଦେଖାଇଲେ ତାହା କାହାକୁ ନିନ୍ଦିତ କଲା ?

ପୋଥିର ତଥ୍ୟ ଅନୁଯାୟୀ ଦୁଇ ମାସ ଧରି ଲଗାତାର ପଥର କାମ କରୁଥିବା ୩୨ଜଣ ଶିଳ୍ପୀଙ୍କୁ ଦୋଳ ଉତ୍ସବ ଅବସରରେ ନିଜ ନିଜ ଘରକୁ ବିଶ୍ରାମ ପାଇଁ ପଠାଯାଇଥିଲା। ଆଶ୍ଚର୍ଯ୍ୟ ହେବାକୁ ପଡ଼େ ସେମାନେ ଘରକୁ ଯିବା ପାଇଁ ବାଟଖର୍ଚ୍ଚ ନିଜ ପାଉଣାରୁ ଖର୍ଚ୍ଚ କରି ନ ଥିଲେ। ରାସ୍ତାରେ ଖାଦ୍ୟ ଗ୍ରହଣ ପାଇଁ ଚାଉଳ ମଧ ଦିଆଯାଇଥିଲା। ସମ୍ମାନର କଥା। ସେବେଳେ ଆଜିକାଲି ପରି ଭୋଜନାଳୟ ବ୍ୟବସ୍ଥା ରାସ୍ତା କଡ଼ରେ ନ ଥିଲା। ରୋଷେଇ କରି ଖାଇବାକୁ ପଡୁଥିଲା। ସେଥିପାଇଁ ପ୍ରଶାସନିକ ସ୍ତରରେ ସୁବ୍ୟବସ୍ଥା କରାଯିବା, ଗୋଟାଏ ଜାତିର ମହନୀୟତାକୁ ପ୍ରମାଣିତ କରିଥାଏ।



ଜାତୀୟ ସଂଗ୍ରହାଳୟ, ନୂଆଦିଲ୍ଲୀରେ ଥିବା ଲାଙ୍ଗୁଳା ନରସିଂହ ଦେବଙ୍କ ବିଗ୍ରହ। (ସୌଜନ୍ୟ – ଡ. କୁମାର ଆରଜ୍ୟୋତି)

# ବ୍ୟବସାୟୀଙ୍କଠାରୁ ବନ୍ଧୁକ ଦେଖାଇ ଲୁଟ୍

ବାରଙ୍ଗ/ତ୍ରିଶୁଳିଆ,୨୨।୧୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଗୋଡ଼ିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଦିଗୋଛିଆବାଙ୍କ ନିକଟରେ ଜଣେ ବ୍ୟବସାୟୀଙ୍କଠାରୁ ୩ଜଣ ଯୁବକ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଛନ୍ତି। ପ୍ରକାଶ ଯେ, ଷଣ୍ଢପୁର ଗ୍ରାମର ଛକଡ଼ି ସିଠ (୫୮)ନାମକ ମାଛ ବ୍ୟବସାୟୀ ପ୍ରତିଦିନ ଭୋର ସମୟରେ କଟକରୁ ମାଛ ଆଣି ବାରଙ୍ଗ ଅଞ୍ଚଳରେ ବ୍ୟବସାୟ କରିଥାନ୍ତି। ରବିବାର ବଡ଼ିଭୋର ସମୟରେ ଛକଡ଼ି ଗାଁରୁ ବାଇକ ଯୋଗେ କଟକ ଯାଉଥିଲେ। ଗାଁମୁଣ୍ଡ ଦିଗୋଛିଆ ବାଙ୍କ ନିକଟରେ ଥିବା ହମ୍ପସରେ ତାଙ୍କ ଗାଡ଼ି ଅଟକି ଯାଇଥିବାବେଳେ ପଛପଟୁ ଅନ୍ୟ ଏକ ବାଇକ୍‌ରେ ୩ଜଣ ମୁଖାପିନ୍ଧି ତାଙ୍କୁ ଅଟକାଇଥିଲେ। ଜଣେ ଯୁବକ ଆସି ତାଙ୍କ ମୁହଁକୁ ଚାପି ଧରିଥିଲା। ଅନ୍ୟଜଣେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆଉ ଜଣେ ଯୁବକ ଆସି ତାଙ୍କ ପକେଟରେ ଥିବା ୧୫ହଜାର ୪ଶହ ଟଙ୍କା ନେଇ ତ୍ରିଶୂଳିଆ-ବାରଙ୍ଗ ମୁଖ୍ୟରାସ୍ତାର ବାଙ୍କି ଆଡ଼କୁ ପଳାଇ ଯାଇଥିଲେ। ଏ ସମ୍ପର୍କରେ ଛକଡ଼ି ଗୋଡ଼ିସାହି ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିବା ପରେ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗରୁ ତଦନ୍ତ ଜାରି ରଖିଛି।

# ‘କୋର୍ଟ ପିଲାଙ୍କ ନିକଟତର ହେଉଛି’

## ଜୁଡିସିଆଲ କ୍ୟାଲେଣ୍ଡର ଉନ୍ମୋଚିତ

କଟକ,୨୨।୧୨ (କାର୍ତ୍ତିକ ସାହୁ)




ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ଅନ୍ୟମାନେ ଜୁଡିସିଆଲ କ୍ୟାଲେଣ୍ଡର ଉନ୍ମୋଚନ କରୁଛନ୍ତି।

କ୍ରମାଗତ ୪ର୍ଥ ବର୍ଷ ପାଇଁ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଶ୍ରେଷ୍ଠ ଚିତ୍ରକଳାକୁ ନେଇ ପ୍ରସ୍ତୁତ ହାଇକୋର୍ଟର ଜୁଡିସିଆଲ କ୍ୟାଲେଣ୍ଡର ଜୁଡିସିଆଲ ଏକାଡେମୀଠାରେ ରବିବାର ଉନ୍ମୋଚିତ ହୋଇଯାଇଛି। ହାଇକୋର୍ଟ ପକ୍ଷରୁ ରାଜ୍ୟର ଜିଲା କୋର୍ଟ ଅଧୀନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭିନ୍ନକ୍ଷମ ପିଲାଙ୍କ ଅଧିକାର ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଗତ ନଭେମ୍ବର ୧୦ ତାରିଖରେ ଅନୁଷ୍ଠିତ ହୋଇଥିଲା। କ୍ୟାଲେଣ୍ଡରରେ ମୁଦ୍ରିତ ହୋଇଥିବା ୧୨ଟି ଶ୍ରେଷ୍ଠ ଚିତ୍ରକଳାର ଚିତ୍ରକର କଳାହାଣ୍ଡିର ଶୁଭ ଓମ୍‌କାର ରଥ, ଅନୁଗୋଳର ଆଶୀର୍ବାଦ ଦାସ, ଗଜପତିର ବାସୁଦେବ ଗମାଙ୍ଗ, ଜଗତ୍‌ସିଂହପୁରର ଅନନ୍ତ ବେହେରା, କଟକର ଶ୍ରିୟଂସ ପଣ୍ଡା, ନୂଆପଡ଼ାର ସନ୍ଦୀପ କୁମାର ଦୁବେ, ମୟୂରଭଞ୍ଜର ବିଷ୍ଣୁପ୍ରିୟା ମହାପାତ୍ର, କୋରାପୁଟର ଚୁନା ମୁଣ୍ଡୁଲି, କେନ୍ଦ୍ରାପଡ଼ାର ଶିବାଶିଷ ଦାସ, କେନ୍ଦୁଝରର ସୁମନ ନାଇକ, ଯାଜପୁରର ଡଲବୀରାଣୀ ପରିଡ଼ା ଓ ପୁରୀର ଶ୍ରେୟା ମହାନ୍ତିଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ, ସିନେମା ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନନ୍ଦ, ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ ଯୋଗଦେଇ ୧୨ ଜଣ କୃତୀ ଚିତ୍ରଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି ସିଂ କହିଥିଲେ, ଏଭଳି ପ୍ରତିଯୋଗିତା ମାଧ୍ୟମରେ କୋର୍ଟ ପିଲାଙ୍କ ନିକଟତର ହେଉଛି। ଏଭଳି କ୍ୟାଲେଣ୍ଡର ମାଧ୍ୟମରେ ଆଇନ ସଚେତନତା ସୃଷ୍ଟି କରାଯାଉଛି। ଜୁଡିସିଆଲ କ୍ୟାଲେଣ୍ଡର କମିଟିର ଅଧ୍ୟକ୍ଷ ବିଚାରପତି ସଙ୍ଗମ କୁମାର ସାହୁ ସ୍ୱାଗତ ଭାଷଣ ଦେଇ ଦିବ୍ୟାଙ୍ଗ ପିଲାଙ୍କ ଅଧିକାର ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସିନେମା ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନନ୍ଦ କହିଥିଲେ, ପ୍ରତିଯୋଗୀମାନେ ଓଡ଼ିଶାର ନାମ ଉଜ୍ଜ୍ୱଳ କରନ୍ତୁ। ଚିତ୍ରକଳା ଚୟନରେ ଥିବା ଚିତ୍ରଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ ଜଣେ ଚିତ୍ରଶିଳ୍ପୀର ଚିନ୍ତାକୁ କଳନା କରିହୁଏ ନାହିଁ ବୋଲି କହିଥିଲେ। ବିଚାରପତି ଭି. ନରସିଂହ କହିଥିଲେ, ଛାତ୍ରୀଛାତ୍ର ନିଜ ମାତାପିତା ଓ ଗୁରୁଜନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରନ୍ତୁ। ବିଚାରପତି ସାବିତ୍ରୀ ରଥ କୃତୀ ପ୍ରତିଯୋଗୀମାନେ ଚିତ୍ରକଳା ମାଧ୍ୟମରେ ଆମକୁ ଗୌରବାନ୍ୱିତ କରିଛନ୍ତି ବୋଲି କହିଥିଲେ। ବିଚାରପତି ଗୌରୀଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ରାଜ୍ୟରୁ ୧୮୧୯ ଜଣ ପ୍ରତିଯୋଗୀ ପ୍ରତିଯୋଗିତାରେ ଭାଗନେଇଥିଲେ। ପ୍ରତି ଜିଲାରୁ ୩ଟି ଲେଖାଏ ଶ୍ରେଷ୍ଠ ଚିତ୍ରକଳା ମନୋନୀତ ହୋଇ ମୋଟ ୯୦ଟି ଚିତ୍ରକଳା ଚୂଡ଼ାନ୍ତ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା। ହାଇକୋର୍ଟ ବିଚାରପତିଗଣ ସଙ୍ଗମ କୁମାର ସାହୁ, ସାବିତ୍ରୀ ରଥ, ଭି. ନରସିଂହ ଓ ଗୌରୀଶଙ୍କର ଶତପଥୀଙ୍କୁ ନେଇ ଗଠିତ ଜୁଡିସିଆଲ କ୍ୟାଲେଣ୍ଡର କମିଟି ଶ୍ରେଷ୍ଠ ଚିତ୍ରକଳା ଚୟନ କରିଥିଲେ।

# ଅଚ୍ୟୁତ ସାମନ୍ତଙ୍କୁ ୬୪ତମ ସମ୍ମାନସୂଚକ ଡକ୍ଟରେଟ୍



ଆଲାଏନ୍ସ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଡ. ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଉଛି।

ଭୁବନେଶ୍ୱର,୨୨।୧୨ (ଅନୁରାଧା ମହାରଣା)

ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ କର୍ଣ୍ଣାଟକର ଆଲାଏନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ରବିବାର ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ତାଙ୍କର ୬୪ତମ ସମ୍ମାନସୂଚକ ଡକ୍ଟରେଟ୍। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଡ. ସାମନ୍ତ କହିଛନ୍ତି। କାର୍ଯ୍ୟକ୍ରମରେ ଅଚ୍ୟୁତ ସାମନ୍ତଙ୍କ ସହ ଗୋଆ ରାଜ୍ୟପାଳ ପିଏସ୍ ଶ୍ରୀଧରନ ପିଲାଇ, ନୀତି ଆୟୋଗ ସଦସ୍ୟ ତଥା ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ କୁଳାଧିପତି ପଦ୍ମଭୂଷଣ ଡ. ବିଜୟ କୁମାର ସାରସ୍ୱତ, ଭାରତୀୟ ଖେଳକୁଦ ସଂଘର ଉପସଭାପତି ପଦ୍ମଶ୍ରୀ ଅଞ୍ଜୁ ବବି ଜର୍ଜଙ୍କୁ ମଧ୍ୟ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା। କର୍ଣ୍ଣାଟକ ବିଧାନ ପରିଷଦ ଅଧ୍ୟକ୍ଷ ବାସବରାଜ ଶିବଲିଙ୍ଗାପ୍ପା ହେରାଟି, କର୍ଣ୍ଣାଟକ ସରକାରଙ୍କ ଗ୍ରାମାଞ୍ଚଳ ବିକାଶ ଓ ପଞ୍ଚାୟତିରାଜ, ଆଇଟି ଓ ବିଟି ବିଭାଗ ମନ୍ତ୍ରୀ ପ୍ରିୟାଙ୍କ ମଲ୍ଲିକାର୍ଜୁନ ଖାର୍ଗେ, ଏରୋନୋଟିକ୍ ଡେଭଲପମେଣ୍ଟ ଏଜେନ୍ସି ଗଭର୍ଣ୍ଣିଂ ବଡିଂ ଅଧ୍ୟକ୍ଷ ଡ. ଜି. ସତୀଶ ରେଡ୍ଡୀ ଓ ଆଲାଏନ୍ସ ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ପ୍ରେମାନନ୍ଦ ସେଟ୍ଟୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି।

# ପ୍ରତାପ ଷଡ଼ଙ୍ଗୀଙ୍କ ନାଁରେ ଛାତ୍ର କଂଗ୍ରେସର ଏତଲା

ଭୁବନେଶ୍ୱର,୨୨।୧୨(ସତ୍ୟଜିତ୍ ରାଉତ)

ଭାଜପା ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ନାଁରେ କ୍ୟାପିଟାଲ ଥାନାରେ ଛାତ୍ର କଂଗ୍ରେସ ପକ୍ଷରୁ ସୋମବାର ଏତଲା ଦିଆଯାଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନାଁରେ ମିଛ ପ୍ରଚାର କରି ପ୍ରତାପ ଅଭିନୟ କରୁଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏହି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସଂସଦରେ ଠେଲାପେଲାରେ ପ୍ରତାପ ପଡ଼ି ଆହତ ହୋଇଥିଲେ। ରାହୁଲ ତାଙ୍କୁ ଠେଲିଥିବା ନେଇ ପ୍ରତାପ ମିଛ ଅଭିଯୋଗ କରିଥିଲେ। ଏହି ଘଟଣାରେ ରାହୁଲଙ୍କ ନାଁରେ ମିଛ ମାମଲା ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି।

# ୨୪ରେ ‘ନମନ’ର ତୃତୀୟ ସଂସ୍କରଣ

ଭୁବନେଶ୍ୱର,୨୨।୧୨(ସୁଚିସ୍ମିତା ସାହୁ)



ଲୋକଙ୍କ ଧନଜୀବନର ସୁରକ୍ଷା ପାଇଁ ଜାଗ୍ରତ ପ୍ରହରୀ ସାଜିଥିବା ପୋଲିସ ଓ ସେମାନଙ୍କ ପରିବାର ପାଇଁ ଆସନ୍ତା ୨୪ ତାରିଖରେ ଭୁବନେଶ୍ୱର ୭ମ ବାଟାଲିୟନ ପରିସରେ ଅନୁଷ୍ଠିତ ହେବ ‘ନମନ’ର ତୃତୀୟ ସଂସ୍କରଣ। ନମନ ଫାଉଣ୍ଡେଶନ ପକ୍ଷରୁ ପୋପା ଏବଂ ସ୍ମାଇଲ ପ୍ଲିଜ ଟ୍ରଷ୍ଟ ସହଯୋଗରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ପୋଲିସ ଓ କଳାକାରଙ୍କୁ ଉତ୍ସାହିତ କରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ ଓଲିଉଡ୍ ଷ୍ଟାର ସବ୍ୟସାଚୀ ମିଶ୍ର ଓ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ସୂଚନା ଦେଇଛନ୍ତି। ସେମାନେ କହିଛନ୍ତି, ପୋଲିସ ଭଉଣୀଭାଇମାନେ ନିଜ ଜୀବନକୁ ବାଜି ଲଗାଇ ଆମ ଜୀବନକୁ ସରଳ, ସୁନ୍ଦର ଓ ଶୃଙ୍ଖଳିତ କରିବାକୁ ପ୍ରୟାସ କରୁଛନ୍ତି। ପରିବାର ଲୋକେ ସେମାନଙ୍କୁ ସହଯୋଗ କରିଥାନ୍ତି। ତେଣୁ ପୋଲିସ, ସହଯୋଗୀ ଓ ପରିବାର ସଦସ୍ୟଙ୍କ ନିଃସ୍ୱାର୍ଥ ସେବାକୁ ହୃଦୟର ସହ ସମ୍ମାନ ଦେବାର ଏକ ନିଆରା କାର୍ଯ୍ୟକ୍ରମ ହେଉଛି ‘ନମନ’। ଚଳିତବର୍ଷର ଥିମ ରହିଛି ‘ଶହୀଦ ପୋଲିସଙ୍କୁ ସମ୍ମାନ’। ଓଲିଉଡ୍ ଓ ବଲିଉଡର ଅଭିନେତା, ଅଭିନେତ୍ରୀ, କଣ୍ଠଶିଳ୍ପୀ, କମେଡିଆନ, ଉପସ୍ଥାପକ ଯୋଗଦେଇ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିବେ। ଏହି ନିଆରା କାର୍ଯ୍ୟକ୍ରମକୁ ସମସ୍ତେ ମିଶି ସଫଳ କରିବା ପାଇଁ ସବ୍ୟସାଚୀ ନିବେଦନ କରିଛନ୍ତି।



କଳିଙ୍ଗ କଳାକ୍ଷେତ୍ର ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ରବିବାର ଅନୁଷ୍ଠିତ କ୍ଲାସିକାଲ ମ୍ୟୁଜିକ୍ କନ୍‌ସର୍ଟ ‘ସ୍ୱରସୁଧା’ରେ ଶାସ୍ତ୍ରୀୟ ବାଦ୍ୟ ସଙ୍ଗୀତ ପରିବେଷଣ କରାଯାଉଛି।




@ ସନ୍ତୋଷ



@ କାଳୀଚରଣ



@ ପ୍ରିୟଦର୍ଶିନୀ



@ ଦେବପ୍ରସାଦ



@ ପ୍ରସୀମ୍


## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୭ରେ ବଡ଼ ପରଦାରେ ଆସିବ ‘ମିଶିରି’

ଭୁବନେଶ୍ୱର,୨୨।୧୨(ସୁଚିସ୍ମିତା ସାହୁ)

ଆସନ୍ତା ୨୭ ତାରିଖରେ ବଡ଼ ପରଦାରେ ମୁକ୍ତିଲାଭ କରିବ ଓଡ଼ିଆ ଚଳଚ୍ଚିତ୍ର ‘ମିଶିରି’। ଏହି ଚଳଚ୍ଚିତ୍ରଟି ଏକ ରୋମାଣ୍ଟିକ ଓ ହୃଦୟସ୍ପର୍ଶୀ କାହାଣୀ ଉପରେ ଆଧାରିତ। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିବା ସହିତ ଯୁବପିଢ଼ିଙ୍କୁ ଉତ୍ସାହିତ କରିବ। ନିର୍ମଳ ଜୈସ୍ୱାଲ ପ୍ରଡକଶନ, ରିଲ୍ସ ଏନ୍ ରିଲ୍ସ ଏବଂ ଏ ଏ ଏଣ୍ଟରଟେନମେଣ୍ଟ ଦ୍ୱାରା ପ୍ରଯୋଜିତ ଏହି ଚଳଚ୍ଚିତ୍ରର ଟ୍ରେଲର ଏବଂ ଅଡିଓ ଶନିବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହୋଟେଲରେ ଲୋକାର୍ପଣ ହୋଇଯାଇଛି। ଏଥିରେ ପ୍ରଯୋଜକ ଜୈସ୍ୱାଲ, ସହ ପ୍ରଯୋଜକ ସ୍ମିତ ପଟ୍ଟନାୟକ ଏବଂ ଆକାଂକ୍ଷା ପାଢ଼ୀ, ଲେଖକ ଶିବା, ନିର୍ଦ୍ଦେଶକ ଶିଶିର ଏବଂ ପିନାକୀ, ସଙ୍ଗୀତ ନିର୍ଦ୍ଦେଶକ ଅଭିଷେକ, ଇଶାନ, କୌଶିକ, କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ଅର୍ପିତା ଚୌଧୁରୀ, ସ୍ୱୟଂ ପାଢ଼ୀ, ପ୍ରଭାସ ଜେନା, ପ୍ରଚାର ଓ ପ୍ରସାର ମୁଖ୍ୟ ଅଭିଜିତ ସିଂ, ଅଭିନେତା ଭିଭାସ ପ୍ରସନଜିତ, ଅଭିନେତ୍ରୀ ରୂପଶ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିରରେ ଧାଡ଼ିଦର୍ଶନ ବ୍ୟବସ୍ଥା ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ପୁରୀ, ୨୨।୧୨(ଅଜିତ୍ କୁମାର ମହାନ୍ତି)

ଇଂଲିଶ ନବବର୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ନାଟମଣ୍ଡପ ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆ ବ୍ୟବସ୍ଥା କରାଯାଉଛି। ନାଟମଣ୍ଡପରେ ୬ଥାକିଆ ଦର୍ଶନ ବ୍ୟବସ୍ଥା ନୂଆବର୍ଷରୁ ଲାଗୁହେବାକୁ ଯାଉଛି। ଭକ୍ତମାନେ ସାତପାହାଚରୁ ହେବାକୁ ଥିବା ଅସ୍ଥାୟୀ ବ୍ୟାରିକେଡ୍ ଦେଇ ପ୍ରବେଶ କରିବା ସହ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଘଣ୍ଟିଦ୍ୱାର ଓ ଗାରଦଦ୍ୱାର ଦେଇ ପ୍ରତ୍ୟାବର୍ତ୍ତନ କରିବେ। ଏଥିଲାଗି ନାଟମଣ୍ଡପରେ ଅସ୍ଥାୟୀ ବ୍ୟାରିକେଡ କରାଯିବ। ସରକାରଙ୍କ ଏପରି ନିଷ୍ପତ୍ତିକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଭୁବନେଶ୍ୱରରୁ ପୁରୀ ଆସିଥିବା ସବିତା ବେହେରା କହିଛନ୍ତି, ସରକାର ନାଟମଣ୍ଡପ ଭିତରେ ଯେଉଁଧାଡ଼ିଦର୍ଶନ ଓ ର୍‍ୟାମ୍ପ ବ୍ୟବସ୍ଥା କରିବାକୁ ଯାଉଛନ୍ତି, ତାହା ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ତେବେ ଖାଲି କହିଦେଇ ରହିଗଲେ ହେବନି, କାର୍ଯ୍ୟକାରୀ ହେବା ଆବଶ୍ୟକ। ବଡ଼ ବଡ଼ ଭିଆଇପିମାନଙ୍କ ପାଇଁ ଧାଡ଼ି ନାହିଁ। ସେମାନେ ଆସୁଛନ୍ତି ଓ ଦର୍ଶନ କରି ଯାଉଛନ୍ତି। ମାତ୍ର ସାଧାରଣଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ର୍‍ୟାମ୍ପ ଓ ଧାଡ଼ି ବ୍ୟବସ୍ଥା ହେଲେ ସମସ୍ତେ ଭଲରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସେହିପରି ପୁରୀ ବାସିନ୍ଦା ବିକାଶ ପ୍ରଧାନ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ତେବେ ଖାଲି ର୍‍ୟାମ୍ପ କରିଦେଲେ ହେବ ନାହିଁ, ଯେପରି ଭକ୍ତମାନେ ବ୍ୟବସ୍ଥିତ ତଥା ଶୃଙ୍ଖଳିତ ଭାବେ ଦର୍ଶନ କରିବେ ସେ ନେଇ ସରକାର ଦୃଷ୍ଟି ଦେବା ଆବଶ୍ୟକ। ନଚେତ ଭକ୍ତମାନେ ପଡ଼ି ଆହତ ହେବାର ଆଶଙ୍କା ରହୁଛି। ତେଣୁ ପରୀକ୍ଷାମୂଳକ ଭାବେ କରାଯିବା ସହ ସମସ୍ତ ଦିଗକୁ ଦେଖି ପଦକ୍ଷେପ ନେବା ଆବଶ୍ୟକ। ଅନ୍ୟପକ୍ଷରେ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି, ଡିସେମ୍ବର ୩୦, ୩୧ ଏବଂ ଜାନୁଆରୀ ୧ରେ ଭକ୍ତଙ୍କ ପ୍ରବଳ ଭିଡ଼ ହେବ। ତେଣୁ ଏହି ଦିନରେ ପରୀକ୍ଷାମୂଳକ ଭାବେ ସରକାର ଯେଉଁ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନେଇଛନ୍ତି, ତାହା ଠିକ୍ ଲାଗୁନାହିଁ। ଯେତେବେଳେ ମହାପ୍ରଭୁଙ୍କ ସାହାଣ ମେଲା ଦର୍ଶନ ହୁଏ, ସେତେବେଳେ କମ୍ ସମୟ ମଧ୍ୟରେ ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରି ଯାଇଥାନ୍ତି। ବର୍ତ୍ତମାନ ଯେଉଁ ଧାଡ଼ି ବ୍ୟବସ୍ଥା କରାଯାଉଛି ତାହା ସ୍ୱାଗତଯୋଗ୍ୟ, ତେଣୁ ସମସ୍ତେ ଏଥିରେ ସହଯୋଗ କରିବା ଆବଶ୍ୟକ। କିନ୍ତୁ ଏବେଠାରୁ ପରୀକ୍ଷାମୂଳକ ଭାବେ ର୍‍ୟାମ୍ପ ବ୍ୟବସ୍ଥା କରାଯାଉ। ଶେଷ ସମୟରେ କରିବା ଠିକ୍ ହେବ ନାହିଁ। ଏବେଠାରୁ ପରୀକ୍ଷାମୂଳକ ଭାବେ ଲାଗୁ କରାଗଲେ କେଉଁଠି ତ୍ରୁଟି ବା ସମସ୍ୟା ରହୁଛି ତାହା ଜଣାପଡ଼ିବ ଏବଂ ତା’ର ସମାଧାନ କରାଯାଇପାରିବ। ଏ ସଂକ୍ରାନ୍ତରେ ସମସ୍ତଙ୍କ ସହ ଆଲୋଚନା କରି ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଦାସ ମହାପାତ୍ର କହିଛନ୍ତି। ମହନ୍ତ ରାମ ଚରଣ ଦାସ କହିଛନ୍ତି, ଚାରିଦ୍ୱାର ଦେଇ ଭକ୍ତମାନେ ଶ୍ରୀମନ୍ଦିରରେ ପ୍ରବେଶ କରୁଥିଲେ ମଧ୍ୟ ଭିତରେ ବିଶେଷକରି ସାତପାହାଚଠାରୁ ଭକ୍ତଙ୍କ ଗହଳି ଅଧିକ ହେଉଛି। ତେଣୁ ଦର୍ଶନରେ ସମସ୍ୟା ଦେଖାଯାଉଛି। ଅନେକ ସମୟରେ ପ୍ରବଳ ଗହଳି କାରଣରୁ ଲୋକେ ଓ ପିଲା ଅସ୍ୱସ୍ତିକର ଅନୁଭବ କରି ଭିତରେ ବାନ୍ତି କରିଦେଉଛନ୍ତି। ଫଳରେ ମହାପ୍ରଭୁଙ୍କ ମହାସ୍ନାନ କରାଯିବାକୁ ପଡୁଛି। ତେଣୁ ଧାଡ଼ି ବ୍ୟବସ୍ଥା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ଏକାଥରେ ୬ଜଣ ମହାପ୍ରଭୁଙ୍କ ଦର୍ଶନ କରିବେ, ଅଧିକ ଗହଳି ହେବ ନାହିଁ। ମହାପ୍ରଭୁଙ୍କ ଦର୍ଶନ କରି ଭକ୍ତମାନେ ଆନନ୍ଦିତ ହୋଇ ଖୁସିରେ ଫେରିବେ। ତେବେ ଶ୍ରୀମନ୍ଦିରରେ ଅନେକ ନୀତି ରହିଛି। ତେଣୁ ବିଶେଷ ନୀତି ସମୟରେ ବ୍ୟାରିକେଡ୍‌ଗୁଡ଼ିକୁ କାଢ଼ିବାକୁ ପଡ଼ିବ। ଆଗକୁ ଦୁଇଦିନ ଧରି ପରୀକ୍ଷାମୂଳକ ଭାବେ କାର୍ଯ୍ୟକାରୀ ହେବାକୁ ଯାଉଛି। କେତେ ସଫଳ ହେଉଛି ତାହା ଜଣାପଡ଼ିବ। ତେବେ ସଫଳ ହେବା ନେଇ ବିଶ୍ୱାସ ରହିଛି ବୋଲି ଦାସ ମତବ୍ୟକ୍ତ କରିଛନ୍ତି।



# ବାର୍ କାଉନ୍‌ସିଲ୍‌ରେ ହାଜର ହେଲେ ୩ ଆଇନଜୀବୀ

## କୋର୍ଟ ସମ୍ମୁଖରେ ଜୋତା ପଲିସ କରି ୧ ଟଙ୍କା ଆଦାୟ କରିବା ଘଟଣା

କଟକ,୨୨।୧୨ (କାର୍ତ୍ତିକ ସାହୁ)

ଓକିଲ ପୋଷାକ ପରିଧାନ କରି କୋର୍ଟ ସମ୍ମୁଖରେ ଜୋତା ପଲିସ କରି ୧ ଟଙ୍କା ଲେଖାଏ ଆଦାୟ କରିବା ଘଟଣାର ଅନ୍ତ ଘଟାଇଛି ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ। ଏହି ଘଟଣା ସହ ଜଡ଼ିତ ଜଗନ୍ନାଥ ସେନାର ଆବାହକ ତଥା ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଏବଂ ପୁରୀର ଆଇନଜୀବୀ ସସ୍ମିତା ମିଶ୍ର ଓ ବରିଷ୍ଠ ଆଇନଜୀବୀ ବୃନ୍ଦାବନ ବରାଳଙ୍କୁ କାଉନ୍‌ସିଲ ପକ୍ଷରୁ ବ୍ୟକ୍ତିଗତ ହାଜର ପାଇଁ ନୋଟିସ ହୋଇଥିଲା। ନୋଟିସ ଅନୁଯାୟୀ ଏହି ଆଇନଜୀବୀମାନେ ରବିବାର କଟକ ଚାନ୍ଦିନୀଚୌକସ୍ଥିତ ବାର୍ କାଉନ୍‌ସିଲ୍ କାର୍ଯ୍ୟାଳୟରେ ହାଜର ହୋଇ ନିଜର ପକ୍ଷ ରଖିଥିଲେ। ଏଥିସହ ଏହି ଘଟଣାର ଅନ୍ତ ଘଟିଥିବା ଆଇନଜୀବୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିଥିବାରୁ ସୁପ୍ରିମକୋର୍ଟ ଆବେଦନକାରୀ ଅର୍ଦ୍ଧେନ୍ଦୁ ଦାଶଙ୍କୁ ଏକ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହାକୁ ନେଇ ଜଗନ୍ନାଥ ସେନା ପକ୍ଷରୁ ଅର୍ଦ୍ଧେନ୍ଦୁ ଦାଶଙ୍କୁ ସମର୍ଥନ କରି ରାଜ୍ୟରେ ଥିବା ସମସ୍ତ କୋର୍ଟ ସମ୍ମୁଖରେ ଜୋତା ପଲିସ କରି ଏକ ଟଙ୍କା ଲେଖାଏ ଆଦାୟ କରିବାକୁ ସ୍ଥିର ହୋଇଥିଲା। ଏଭଳି ଭାବେ ଉକ୍ତ ଏକ ଲକ୍ଷ ଜରିମାନା ଟଙ୍କା ଜଗନ୍ନାଥ ସେନା ଶୁଝିବାକୁ ନିଷ୍ପତ୍ତି ନେଇଥିଲା। ଏପରି ଏକ ଅଭିନବ ସଚେତନତା କାର୍ଯ୍ୟକ୍ରମ ଉପରୋକ୍ତ ୩ ଆଇନଜୀବୀ କରିଥିଲେ। ଏହି ସମୟରେ ସେମାନେ କାହିଁକି ଓକିଲ ପୋଷାକ ପରିଧାନ କରିଥିଲେ ବୋଲି ରାଜ୍ୟ ବାର୍ କାଉନସିଲ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ଏଥିସହ ବ୍ୟକ୍ତିଗତ ଭାବେ କାଉନ୍‌ସିଲ୍‌ରେ ହାଜର ହେବା ପାଇଁ ନୋଟିସରେ ଦର୍ଶାଯାଇଥିଲା ବୋଲି ଆଇନଜୀବୀ ପଟ୍ଟନାୟକ ସୂଚନା ଦେଇଛନ୍ତି।

